

"ଯେପରି ଏକ ମହମବତି ନିଆଁ ବିନା ଜଳିପାରେ ନାହିଁ, ସେହିପରି ଆଧାତ୍ମିକତା ବିନା ମନୁଷ୍ୟ ବଞ୍ଚିପାରିବ ନାହିଁ।
- ଗୌତମ ବୁଦ୍ଧ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସ୍ୱାମୀ ଶ୍ରୀ ଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକ ନଗର, ପ୍ରାତଃ ୫ଟା ୩୦।
- କଟନଫାବ୍, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦।
- ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନର ବିକ୍ଷୋଭ ଶୋଭାଯାତ୍ରା, ରେଲୱେ ଷ୍ଟେଶନ, ପୂର୍ବାହ୍ନ ୧୧ଟା।
- ସରପଞ୍ଚ ମହାସଂଘର ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା।
- ମହିଳା ଭୂମି ଅଧିକାର ଯାତ୍ରୀ ସମ୍ବର୍ଦ୍ଧନା ସଭା, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୧ଟା।
- ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘ ପକ୍ଷରୁ ଗଣଧାରଣା, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- ଜାତୀୟ ସ୍ତରୀୟ ଚିତ୍ରଶିଳ୍ପୀ ଶିବିରର ଚତୁର୍ଥ ଦିବସ, ପାନ୍ଥନିବାସ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା ୩୦।
- ସିଏଚ୍ଏସ୍ଇର ୩୬ତମ ପ୍ରତିଷ୍ଠା ଦିବସ ପାଳନ, ସିଏଚ୍ଏସ୍ଇ, ଭୁବନେଶ୍ୱର ଅଫିସ, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୧ଟା ୩୦।
- ଟିସିଏସ୍ ଆଇଟି ୱିଜ୍-୨୦୧୮, ପାଲ୍ ହାଇଟ୍ସ, ଜୟଦେବ ବିହାର ରୋଡ୍, ମଧ୍ୟାହ୍ନ ୧୨ଟା।
- ଜାତୀୟ ଜୁନିୟର ଡବଲ୍ସ ଏବଂ ଅନ୍ତର୍ଜାତୀୟ ଟେନିସ୍ ଫେଡେରେଶନ ଜୁନିୟର ଟୁର୍ନାମେଣ୍ଟର ବିଜେତା କବୀର ହନ୍ସଙ୍କୁ ସମ୍ବର୍ଦ୍ଧନା, ଦି ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା, ୟୁନିଟ୍-୩, ଅପରାହ୍ନ ୪ଟା।
- କର୍ମଯୋଗୀ ବସନ୍ତ କୁମାର ବିଶ୍ୱାଳଙ୍କ ପଞ୍ଚଦଶ ଶ୍ରାଦ୍ଧ ଦିବସ ଅବସରରେ ରାଜ୍ୟସ୍ତରୀୟ ସ୍ମୃତିସଭା, ସୂଚନା ଭବନ, ସନ୍ଧ୍ୟା ୬ଟା। ତିଳତର୍ପଣ, ବିନ୍ଦୁ ସରୋବର, ସକାଳ ୭ଟା। ରକ୍ତଦାନ ଶିବିର, ଓଏଏସ୍ ଆସୋସିଏଶନ ଭବନ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦।
- ପଣ୍ଡିତ ନୀଳକଣ୍ଠ ଦାସ ସ୍ମାରକୀ ବକ୍ତୃତା, ପାନ୍ଥନିବାସ କଳିଙ୍ଗ କନ୍ଭେନଶନ ହଲ୍, ସନ୍ଧ୍ୟା ୬ଟା ୩୦।
- ଓଏମ୍ସି ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ-୨୦୧୮ର ତୃତୀୟ ସନ୍ଧ୍ୟା, ରବୀନ୍ଦ୍ର ମଣ୍ଡପ, ରାତି ୭ଟା।

**କଟକ**

- ଇଣ୍ଡିଆ ଥିଏଟର ଅଲିମ୍ପିଆଡ୍ର ସପ୍ତମ ସନ୍ଧ୍ୟା, ସାରଳା ଭବନ, ସନ୍ଧ୍ୟା ୬ଟା ୩୦।
- ସାରଳା ସାହିତ୍ୟ ସଂସଦ ପକ୍ଷରୁ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ୧୫ତମ ଶ୍ରାଦ୍ଧୋତ୍ସବ, ସାରଳା ଭବନ, ସନ୍ଧ୍ୟା ୬ଟା ୩୦।
- କର୍ମବୀର ବସନ୍ତ କୁମାର ବିଶ୍ୱାଳଙ୍କ ୧୫ତମ ଶ୍ରାଦ୍ଧବାର୍ଷିକୀ, ପାନ୍ଥନିବାସ, ବକ୍ସିବଜାର, ରାତି ୭ଟା।

**ଜଟଣୀ**

- ଜାଭିୟର ୟୁନିର୍ଭର୍ସିଟି ପକ୍ଷରୁ ଆଲୋଚନାଚକ୍ର, ଜାଭିୟର ସିଟି କ୍ୟାମ୍ପସ୍, ହରିରାଜପୁର, ସକାଳ ୯ଟା ୩୦।

**ଚୌଦ୍ୱାର**

- ସତ୍ୟ ଅପରାଧ କାହାଣୀର ପଞ୍ଚଦଶତମ ବାର୍ଷିକ ଉତ୍ସବ, ଚୌଦ୍ୱାର ଟାଉନ୍ହଲ, ସନ୍ଧ୍ୟା ୬ଟା।
- ପାଲା ମହୋତ୍ସବର ପଞ୍ଚମ ସନ୍ଧ୍ୟା, ବଡ଼ବଜାର ପୂଜା ମଣ୍ଡପ, ରାତି ୭ଟା।

## କାନ୍ଥ ପଡ଼ି ଜଣେ ମୃତ, ମହିଳା ଗୁରୁତର

**କଟକ ସଦର, ୬।୯(ଡି.ଏନ୍.ଏ.):** ଗୁରୁବାର ସକାଳେ କାନ୍ଥ ପଡି କିଶୋର ନଗର ଥାନା ଅଧୀନ ବାଲିଶୁକ୍ରି ଗ୍ରାମର ଦୀନବନ୍ଧୁ ମହାରଣା(୫୪)ଙ୍କ ମୃତ୍ୟୁ ଘଟିଛି। ଲଗାଣ ବର୍ଷାରେ ମାଟିକାନ୍ଥର ଅବସ୍ଥା ଦେଖିବା ପାଇଁ ଯାଇଥିବାବେଳେ ହଠାତ୍ ତାହା ଭାଙ୍ଗି ପଡିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ସେହିପରି ପରମହଂସ ପଞ୍ଚାୟତ ଅଧୀନ ରଘୁନାଥପୁର ଗ୍ରାମର ତାରୁ ବିବି ନାମ୍ନୀ ମହିଳାଙ୍କ ଉପରେ ମାଟିକାନ୍ଥ ପଡିଯିବାରୁ ସେ ଗୁରୁତର ହୋଇଛନ୍ତି। ସେ ଘରେ ଶୋଇଥିବାବେଳେ ଘରର କାନ୍ଥ ହଠାତ ଭୁଶୁଡି ତାଙ୍କ ଉପରେ ପଡିଥିଲା। ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ଓଏମ୍ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

# ନୃତ୍ୟରେ ଭକ୍ତ-ଭଗବାନ, ମା'-ସନ୍ତାନର କଥା

**ଭୁବନେଶ୍ୱର,୬।୯(ବ୍ୟୁରୋ)**

ସୁରମଣୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ କଣ୍ଠରୁ ଯେଉଁ ଗୀତଗୋବିନ୍ଦକୁ ଶୁଣି ଆଜି ସମଗ୍ର ଦେଶ ଶ୍ରୀକୃଷ୍ଣଙ୍କ ଭାବରସରେ ଭିଜୁଛି, ସେହି ଗୀତଗୋବିନ୍ଦକୁ ଗୁରୁବାର ଶୁଣିବାକୁ ମିଳିଥିଲା ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ। ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ସୁପୁତ୍ର ତଥା ପ୍ରସିଦ୍ଧ କଣ୍ଠଶିଳ୍ପୀ ପାର୍ଥସାରଥି ପାଣିଗ୍ରାହୀ ମଞ୍ଚରେ ଗୀତଗୋବିନ୍ଦକୁ ଅତି ସୁମଧୁର କଣ୍ଠରେ ପରିବେଷଣ କରିଥିଲେ। ଅବସର ଥିଲା ନୃତ୍ୟାନୁଷ୍ଠାନ ସୃଜନ ପକ୍ଷରୁ ଆୟୋଜିତ ଓଏମ୍ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ-୨୦୧୮ର ଦ୍ୱିତୀୟ ସନ୍ଧ୍ୟା। କଣ୍ଠସଙ୍ଗୀତ ସହ କୁଚିପୁଡ଼ି ନୃତ୍ୟ ଦ୍ୱିତୀୟ ସନ୍ଧ୍ୟାର ପ୍ରମୁଖ ଆକର୍ଷଣ ସାଜିଥିବା ବେଳେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଗୀତଗୋବିନ୍ଦ ପରିବେଷଣରୁ।

ଓଡ଼ିଶୀନୃତ୍ୟ ବିଶାରଦ ସଂଯୁକ୍ତା ପାଣିଗ୍ରାହୀ ଓ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ପୁତ୍ର ପାର୍ଥସାରଥି ପ୍ରଥମ ପ୍ରସ୍ତୁତିରେ କବି ଜୟଦେବଙ୍କ ରଚିତ ଗୀତଗୋବିନ୍ଦରୁ ଉଦ୍ଧୃତ 'ଜୟ ଜୟଦେବ ହରେ' ଏବଂ ଏହାପରେ 'ଶ୍ରୀତ କୋମଳ' ପରିବେଷଣ କରିଥିଲେ। ପରେ ପରେ ତାଙ୍କ ଦ୍ୱାରା ପରିବେଷିତ 'ମମିୟମ ଚଲିତ ବିଲୋକ୍ୟ', 'ଧୀର ସମିରେ' ଅତ୍ୟନ୍ତ ଚିତ୍ତାକର୍ଷକ ଓ ହୃଦୟସ୍ପର୍ଶୀ ଥିଲା। ସେହିପରି ଆନ୍ଧ୍ରପ୍ରଦେଶର ଲୋକପ୍ରିୟ କୁଚିପୁଡ଼ି ନୃତ୍ୟଶିଳ୍ପୀ ତଥା ମା'-ଝିଅ ଯୋଡ଼ି ବୈଜୟନ୍ତୀ କାଶୀ ଓ ପ୍ରତୀକ୍ଷା କାଶୀଙ୍କ ଦ୍ୱାରା ଯୁଗଳବନ୍ଦୀରେ କୁଚିପୁଡ଼ି ନୃତ୍ୟ ପରିବେଷିତ ହୋଇଥିଲା। ଭକ୍ତ-ଭଗବାନ, ମାତା-ପୁତ୍ରୀ ଓ ମାତା-ପୁତ୍ରର ସମ୍ପର୍କକୁ ସେମାନେ ତିନୋଟି ପର୍ଯ୍ୟାୟରେ ନୃତ୍ୟ ମାଧ୍ୟମରେ ବ୍ୟାଖ୍ୟା କରିଥିଲେ। ଏହି ଯୋଡ଼ିଙ୍କ ପ୍ରଥମ ପ୍ରସ୍ତୁତିରେ ଦେଖିବାକୁ ମିଳିଥିଲା ନୃସିଂହ ଏବଂ ପ୍ରହ୍ଲାଦଙ୍କ ଉପରେ ଆଧାରିତ ଭକ୍ତ ଓ ଭଗବାନଙ୍କ ଗଭୀର ସମ୍ପର୍କର କାହାଣୀ। ଭକ୍ତ ଓ ଭଗବାନ ମଧ୍ୟରେ ଥିବା ଏକ ଅଦୃଶ୍ୟ ସମ୍ପର୍କକୁ ନୃତ୍ୟ ମାଧ୍ୟମରେ ଅତି ଚିତ୍ତାକର୍ଷକ ଶୈଳୀରେ ମଞ୍ଚରେ ଉପସ୍ଥାପନ କରିଥିଲେ। ଏହାପରେ ସେମାନେ ପ୍ରଭୁ ଶ୍ରୀକୃଷ୍ଣ ଓ ଯଶୋଦାଙ୍କ ମଧ୍ୟରେ ଥିବା ବାତ୍ସଲ୍ୟ ରସକୁ ନୃତ୍ୟରେ ଉପସ୍ଥାପିତ କରିଥିଲେ। କାର୍ଯ୍ୟକ୍ରମର ଶେଷ ପ୍ରସ୍ତୁତିରେ ଏହି ମା'-ଝିଅ ଯୋଡ଼ି ଭୂମି ଓ ସୀତାଙ୍କ ମଧ୍ୟରେ ଥିବା ମାତା-ପୁତ୍ରୀର ସମ୍ପର୍କକୁ ଭାବବିହ୍ୱଳ ଶୈଳୀରେ ଦର୍ଶକଙ୍କ ସମ୍ମୁଖରେ ପରଷିଥିଲେ, ଯାହାକି ସନ୍ଧ୍ୟାର ଶ୍ରେଷ୍ଠ ପରିବେଷଣ ଥିଲା। ଅତିଥି ଭାବେ ଭାରତୀୟ ବିଦ୍ୟାଭବନର ଉପାଧ୍ୟକ୍ଷ ଡ. ଏସ୍.କେ. ଟାମୋଟିଆ, କ୍ରାଉନ ହୋଟେଲର ଉପାଧ୍ୟକ୍ଷ ଏ.କେ. ତାଲୁକଦାର, ପ୍ରିୟଦର୍ଶନୀର ଲଲାଟେନ୍ଦୁ ମହାନ୍ତି ଓ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇଥିଲେ। ପ୍ରଫେସର ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ-୨୦୧୮ର ଦ୍ୱିତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।



କଣ୍ଠଶିଳ୍ପୀ ପାର୍ଥସାରଥି ପାଣିଗ୍ରାହୀ ଗୀତଗୋବିନ୍ଦ ପରିବେଷଣ କରୁଛନ୍ତି।



ବୈଜୟନ୍ତୀ କାଶୀ ଓ ପ୍ରତୀକ୍ଷା କାଶୀଙ୍କ ଦ୍ୱାରା ଯୁଗଳବନ୍ଦୀରେ କୁଚିପୁଡ଼ି ନୃତ୍ୟ ପରିବେଷଣ।

### ଆଜିର ଆକର୍ଷଣ 'ମ୍ୟୁଜିକାଲ୍ ଫ୍ୟୁଜନ୍'

ଗତବର୍ଷ ଭଳି ଏଥର ମଧ ଓଡ଼ିଶାବାସୀଙ୍କୁ ମ୍ୟୁଜିକାଲ୍ ଫ୍ୟୁଜନ୍ ଉପଭୋଗ କରିବାର ଅନୁଭୂତି ଆଣିଦେବ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ। ଗତବର୍ଷ ଓଡ଼ିଶାର ପ୍ରଥମ ଫ୍ୟୁଜନ୍ ବ୍ୟାଣ୍ଡ୍ 'ଶିବାଗ୍ନୀ'ର ମ୍ୟୁଜିକାଲ୍ ଫ୍ୟୁଜନ୍‌କୁ ଶ୍ରୋତାମାନେ ବେଶ୍ ଭଲଭାବେ ଉପଭୋଗ କରିଥିବାରୁ ଏଥର ମଧ ସେଭଳି ଏକ କାର୍ଯ୍ୟକ୍ରମ ଆଣିଦେଇଛି ସୃଜନ। ଉତ୍ସବର ତୃତୀୟ ସନ୍ଧ୍ୟାର ପ୍ରମୁଖ ଆକର୍ଷଣ ରହିଛି ଭାରତର ଅନ୍ୟତମ ଲୋକପ୍ରିୟ ମ୍ୟୁଜିକ୍ ବ୍ୟାଣ୍ଡ୍ 'ଅଗମ୍'ର ମ୍ୟୁଜିକାଲ୍ ଫ୍ୟୁଜନ୍। ଏଥିରେ ପାରମ୍ପରିକ ବାଦ୍ୟ ଏବଂ ଚିତ୍ତାକର୍ଷକ ଯନ୍ତ୍ର ସଙ୍ଗୀତର ଶ୍ରୋତା ଭରପୂର ମଜାନେଇପାରିବେ।

## ଇ-ଚାଲାଣ ଜରିଆରେ ଆଦାୟ ହେବ ଜରିମାନା

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ ସମୟରେ ବ୍ୟାପକ ଅର୍ଥ ହେରଫେର କରାଯାଉଥିବା ନେଇ ପୂର୍ବରୁ ଅଭିଯୋଗ ହେଉଥିଲା। ଏଥିରେ କିଭଳି ସୁଧାର ଆସିବ ସେଥିଲାଗି କମିଶନରେଟ ପୋଲିସ ତତ୍ପରତା ପ୍ରକାଶ କରି ଇ-ଚାଲାଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଯୋଜନା କରିଛି। ଏ ନେଇ କମିଶନରେଟ ମୁଖ୍ୟାଳୟରେ ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆଲୋଚନା କରାଯାଇଛି। କିଭଳି ଖୁବ୍ଶୀଘ୍ର ଇ-ଚାଲାଣ ବ୍ୟବସ୍ଥା ଟ୍ୱିନସିଟିରେ ଆରମ୍ଭ ହେବ ସେଥିପାଇଁ ରାଜ୍ୟ ସରକାରଙ୍କୁ କମିଶନର ନିବେଦନ କରିଛନ୍ତି। ଇ-ଚାଲାଣ ଜରିଆରେ ଜରିମାନା ଆଦାୟ ଲାଗି ପ୍ରଥମ ପର୍ଯ୍ୟାୟରେ ୨ଶହ ମେଶିନ ଏଚ୍ଡିଏଫ୍ସି ବ୍ୟାଙ୍କ୍ ଦେବ। ଏହାସହ କମିଶନରେଟ ପୋଲିସରେ ଥିବା ୮ଟି ବିଭାଗକୁ ବ୍ୟାଙ୍କ ଦରଖାସ୍ତ କରିଛି। ଟ୍ରାଫିକ୍ ପାଇଁ ଦୁଇଟି ବିଭାଗ ଥିବାବେଳେ, ଲାଇସେନ୍ସ, ପୋଲିସ ଭେରିଫିକେଶନ ଆଦି ୮ଟି ସ୍ଥାନରେ ଇ-ଚାଲାଣ ବ୍ୟବସ୍ଥା ଆରମ୍ଭ କରାଯିବ। ରାଜ୍ୟ ସରକାରଙ୍କ ଶେଷ ଅନୁମତି ପାଇଁ କମିଶନରେଟ୍ ପୋଲିସ ଏକ ଚିଠି ପଠାଇ ଦେଇଛି। ସରକାର ଅନୁମତି ଦେବା ପରେ ଏହା କାର୍ଯ୍ୟକାରୀ ହେବ ବୋଲି ପୋଲିସ କମିଶନର କହିଛନ୍ତି। ଏହା ହେବା ଦ୍ୱାରା ଟ୍ରାଫିକ୍ ପୋଲିସର ଜରିମାନା ଆଦାୟରେ ସ୍ୱଚ୍ଛତା ଆସିବା ସହିତ ଜନସାଧାରଣ ଉପକୃତ ହେବେ ବୋଲି କମିଶନର କହିଛନ୍ତି।

ଗତ ସପ୍ତାହରେ ଟ୍ରକ୍ ଯାଞ୍ଚ କରିବା ଆଳରେ ଟ୍ରାଫିକ୍ ପୋଲିସ ଟ୍ରକ୍ ଡ୍ରାଇଭରଙ୍କଠାରୁ ଟଙ୍କା ଅସୁଲ କରି ପକେଟ ଗରମ କରୁଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତେଣୁ କିଭଳି ଏହାକୁ ରୋକାଯାଇ ପାରିବ ସେଥିଲାଗି କମିଶନର ଏହି ବ୍ୟବସ୍ଥାକୁ ଖୁବଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଅଣ୍ଟା ଭିଡିଥିବା କୁହାଯାଉଛି।

### ଅପରେଶନ ପରୀ-୨
## ୫ମ ଦିନରେ ୬୫୬ ଶିଶୁ ଉଦ୍ଧାର

**କଟକ ଅଫିସ, ୬।୯**

ନିଖୋଜ ପିଲାଙ୍କୁ ଖୋଜିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଆରମ୍ଭ ହୋଇଥିବା ଅପରେଶନ୍ ପରୀ-୨ କାର୍ଯ୍ୟକ୍ରମର ବୁଧବାର ପଞ୍ଚମ ଦିନରେ ୬୫୬ ପିଲାଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୫୬୩ ନାବାଳକ ଏବଂ ୯୩ ନାବାଳିକା ଅଛନ୍ତି। ଗଞ୍ଜାମ ଜିଲାର ୧୦୦ ଜଣ, ବ୍ରହ୍ମପୁର ପୋଲିସ ଜିଲାର ୬୯, ବୌଦ୍ଧ ଜିଲାର ୪୬, କଟକ ଜିଲାର ୨୬, ଗଜପତି ଜିଲାର ୩୬, କଳାହାଣ୍ଡିର ୨୦ ଜଣ ଥିବା ଜଣାପଡିଛି। ସେମାନଙ୍କୁ ବିଭିନ୍ନ ଶିଶୁ ସୁରକ୍ଷା ସମିତିରେ ଛଡାଯାଇ ପରିବାର ଲୋକଙ୍କୁ ସୂଚନା ଦିଆଯାଇଛି। ଉଦ୍ଧାର ପିଲାଙ୍କ ମଧ୍ୟରୁ ୪୪ ଜଣଙ୍କୁ ଅପହରଣ କରିନେଇ ବିଭିନ୍ନ କାର୍ଯ୍ୟରେ ଲଗାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ମିଳିଛି। ଅପରେଶନ୍‌ର ପ୍ରଥମ ଦିନରେ ୩୫, ଦ୍ୱିତୀୟ ଦିନରେ ୧୯୧, ତୃତୀୟ ଦିନରେ ୩୭୭, ଚତୁର୍ଥ ଦିନରେ ୫୩୦ପିଲାଙ୍କୁ ଉଦ୍ଧାର କରାଯାଇଥିଲା।

## ମହେନ୍ଦ୍ର ନାୟକ ପାଇବେ 'ସମବାୟ ସହକାରିତା ବିଭୂଷଣ ପୁରସ୍କାର'

**କଟକ ଅଫିସ, ୬।୯**

ସମବାୟବିତ୍ ମହେନ୍ଦ୍ର କୁମାର ନାୟକ ୨୦୧୮ ମସିହା ପାଇଁ 'ସମବାୟ ସହକାରିତା ବିଭୂଷଣ ପୁରସ୍କାର' ପାଇବେ। ଆନ୍ତର୍ଜାତିକ ସମବାୟ ଅନୁଷ୍ଠାନ କୃଷକ ଭାରତୀ କୋଅପରେଟିଭ ଲିମିଟେଡ୍ ପକ୍ଷରୁ ଆସନ୍ତା ୨୦ ତାରିଖ ଦିନ ନୂଆଦିଲ୍ଲୀଠାରେ ନାୟକଙ୍କୁ ଏହି ପୁରସ୍କାର ଦିଆଯିବ। ପୁରସ୍କାର ବାବଦ ନଗଦ ୧ ଲକ୍ଷ ୧ହଜାର ଟଙ୍କା ଓ ମାନପତ୍ର ଉପଢୌକନ ଆଦି ପ୍ରଦାନ କରାଯିବ। ଅନୁଷ୍ଠାନ ଅଧ୍ୟକ୍ଷ ତଥା ରାଜ୍ୟସଭା ସଦସ୍ୟ ଚନ୍ଦ୍ରପାଲ ସିଂ ଯାଦବ ଏ ସମ୍ପର୍କରେ ନାୟକଙ୍କ ନିକଟକୁ ଏକ ଚିଠି ପଠାଇଛନ୍ତି।

ସୂଚନାଥାଉ କି, ପ୍ରତିବର୍ଷ ଏହି ଅନୁଷ୍ଠାନ ପକ୍ଷରୁ ଦେଶର ପ୍ରତିଭାବାନ ସମବାୟବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥାଏ। ତେବେ ନାୟକ ଓଡ଼ିଶାରେ ସମବାୟ ଆନ୍ଦୋଳନକୁ ପରିପୁଷ୍ଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସମ୍ପ୍ରତି ସେ ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଥିବାବେଳେ ଅର୍ବାନ ବ୍ୟାଙ୍କ୍ ଫେଡେରେଶନର ଅଧ୍ୟକ୍ଷ ଅଛନ୍ତି। ଏହାବାଦ୍ ପୂର୍ବରୁ ସେ ଅଏଲ ଓଡ଼ିଶାର ଅଧ୍ୟକ୍ଷ ଥିବାବେଳେ ଏବେ ବି ବହୁ ସମବାୟ ଅନୁଷ୍ଠାନ ସହିତ ସମ୍ପୃକ୍ତ ଅଛନ୍ତି।

## ଜଟଣୀ ଆଇଆଇସିଙ୍କୁ ରିମାଣ୍ଡରେ ଆଣିପାରେ ଏସ୍‌ଟିଏଫ୍

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

୫୦ ହଜାର ଟଙ୍କା ଲାଞ୍ଚ ନେଇ ଗିରଫ ହୋଇଥିବା ଜଟଣୀ ଥାନା ଅଧିକାରୀ ସଞ୍ଜୀବ ମହାନ୍ତିଙ୍କ ପାଇଁ ଅଡୁଆ ବଢ଼ିଲା। ଗୁରୁବାର ଢେଙ୍କାନାଳ ଜିଲାରେ ଥିବା ତାଙ୍କ ପୈତୃକ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି। ଚଢାଉ ବେଳେ ଭିଜିଲାନ୍ସ ଅଧିକାରୀମାନେ ବହୁ ସମ୍ପତ୍ତିର କାଗଜପତ୍ର ସହିତ ସୁନା ଗହଣା ଜବତ କରିଛନ୍ତି। ଏସବୁର ମାଲିକାନା ଥାନା ଅଧିକାରୀ ଏବଂ ତାଙ୍କ ସ୍ତ୍ରୀଙ୍କ ନାମରେ ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

ଅନ୍ୟପଟେ ଗ୍ୟାଙ୍ଗଷ୍ଟର ସୟଦ ଉସ୍‌ମାନ ଅଲୀ ଓରଫ ଟିଟୋଙ୍କ ସହ ଆଇଆଇସି ସଞ୍ଜୀବଙ୍କ ଲିଙ୍କ୍ ଥିବା ଟିଟୋଙ୍କ ଭାଇ ସପୋ ପୂର୍ବରୁ କହିଥିଲେ। ସଞ୍ଜୀବ କେନ୍ଦ୍ରାପଡାରେ ଥିବାବେଳେ କିଭଳି ଟିଟୋଙ୍କୁ ଆପରାଧିକ କାର୍ଯ୍ୟରେ ସହଯୋଗ କରୁଥିଲେ ସେ ନେଇ ସପୋ ବୟାନ ଦେଇଥିଲେ। କିନ୍ତୁ କ୍ରାଇମବ୍ରାଞ୍ଚ ପକ୍ଷରୁ କୌଣସି ଖୋଳତାଡ଼ କରାଯାଇ ନ ଥିଲା। ଏବେ ସଞ୍ଜୀବ ଗିରଫ ହେବା ପରେ ତାଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ରିମାଣ୍ଡରେ ଆଣିପାରେ ବୋଲି ସୂଚନା ମିଳିଛି। ଏସ୍‌ଟିଏଫ୍ ଏସ୍‌ପି ସତ୍ୟଜିତ୍ ନାୟକ କହିଛନ୍ତି, ତଦନ୍ତକାରୀ ଅଧିକାରୀମାନେ ତଦନ୍ତ କରୁଛନ୍ତି। ଆବଶ୍ୟକ ପଡିଲେ ସଞ୍ଜୀବଙ୍କୁ ରିମାଣ୍ଡରେ ଅଣାଯାଇପାରେ। ସୂଚନାଯୋଗ୍ୟ, ଟିଟୋ ଏବଂ ଥାନା ଅଧିକାରୀ ଗୋଆ ଯାଇ ହୋଟେଲରେ ରହି ମଉଜମସ୍ତି କରୁଥିବା ଟିଟୋଙ୍କ ଭାଇ ସପୋ କହିଥିଲେ। ଏହାସତ୍ତ୍ୱେ ସଞ୍ଜୀବଙ୍କ ବିରୋଧରେ କୌଣସି ତଦନ୍ତ ହୋଇ ନ ଥିଲା। ଜଟଣୀ ଥାନାରେ ରହିବା ପରେ ଥାନା ବାବୁ ଟିଟୋଙ୍କୁ ସହଯୋଗ କରୁଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ନିକଟରେ ଗୋଚାଲାଣର ମାଷ୍ଟରମାଇଣ୍ଡ ଟିଟୋଙ୍କ ସହଯୋଗୀ ବଟୁ ପାଣିଗ୍ରାହୀଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା। ଜଟଣୀ ଥାନା ଦେଇ ଯାଉଥିବା ଏକାଧିକ ଗୋରୁ ବୋଝେଇ ଗାଡିକୁ ଥାନା ବାବୁ ନିଜେ ଦାୟିତ୍ୱ ନେଇ ପଠାଉଥିଲେ ବୋଲି ଲୋକେ ଅଭିଯୋଗ କରିଛନ୍ତି।

ଜଟଣୀ ଅଞ୍ଚଳବାସୀ କହିଛନ୍ତି ଯେ, ଜଟଣୀ ଥାନାରେ କେବଳ ଥାନା ଅଧିକାରୀ ଲାଞ୍ଚୁଆ ନ ଥିଲେ ଅନ୍ୟ କେତେଜଣ କର୍ମଚାରୀ ମଧ ଲାଞ୍ଚଖୋର ମନୋବୃତ୍ତିର ଅଛନ୍ତି। ତେଣୁ ଥାନାର ସମସ୍ତ କର୍ମଚାରୀଙ୍କୁ ବଦଳି କରାଯାଉ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନ ନେଲେ ଲୋକମାନେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ସମସ୍ତ କର୍ମଚାରୀଙ୍କୁ ବଦଳାଇବା ନେଇ ଭୁବନେଶ୍ୱର ଡିସିପିଙ୍କ ସହ ଆଲୋଚନା କରୁଛି। ଶୁକ୍ରବାର ପୋଲିସ ଏଷ୍ଟାବ୍ଲିଶ ବୋର୍ଡ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ।

### ଟିଟୋ ଲିଙ୍କ୍

### କଟକ, ପୁରୀରେ ବର୍ଷାଜଳ ଜମିବା ପ୍ରସଙ୍ଗ
## ଜଳ ନିଷ୍କାସନ ଲାଗି ୨୦ ପମ୍ପସେଟ୍‌କୁ ମଞ୍ଜୁରୀ

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

ଲଗାଣ ବର୍ଷା ହେଲେ କଟକ ଏବଂ ପୁରୀ ସହରର ବହୁ ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା କରାଯାଇଛି। ଏହି ଦୁଇଟି ସହରର ଯେଉଁସବୁ ସ୍ଥାନ ଜଳମଗ୍ନ ହେଉଛି ସେହି ଅଞ୍ଚଳରୁ ଜଳ ନିଷ୍କାସନ ଲାଗି ରାଜ୍ୟ ସରକାର ୨୦ଟି ଉଚ୍ଚ କ୍ଷମତା ସମ୍ପନ୍ନ ଡିଜେଲ ଚାଳିତ ଟ୍ରେଲର ପମ୍ପସେଟ୍ କିଣିବାକୁ ସ୍ଥିର କରିଛନ୍ତି। ପ୍ରତି ମିନିଟ୍‌ରେ ୧୬୦୦ରୁ ୧୮୦୦ ଲିଟର ଜଳ ନିଷ୍କାସନ କରିପାରୁଥିବା ଏହି ପମ୍ପସେଟ୍ କିଣିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି। ୧୨ଟି ପମ୍ପସେଟ୍ କଟକ ଓ ୮ଟି ପୁରୀ ସହର ଲାଗି କିଣାଯିବ। ଏହା ବ୍ୟତୀତ ଜଳ ନିଷ୍କାସନ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଗ୍ନିଶମ ସେବା କର୍ମଚାରୀମାନଙ୍କ ଲାଗି ୧୦୦ଟି ସ୍ୱତନ୍ତ୍ର ରେନ୍‌କୋଟ୍, ଗମବୁଟ୍ ଏବଂ ହେଲମେଟ କିଣାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏସବୁ ଜିନିଷ କିଣିବା ପାଇଁ ୧ କୋଟି ୪୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ଅଗ୍ନିଶମ ସେବା ବିଭାଗକୁ ପ୍ରଦାନ କରାଯାଇଛି। ଆବଶ୍ୟକ ସାମଗ୍ରୀକୁ ଅଗ୍ନିଶମ ସେବା ବିଭାଗ ଦରକାର ସ୍ଥଳରେ ବ୍ୟବହାର କରିବେ।

## ଫଟୋରେ ଖବର



ପୁରୀ ଶ୍ରୀମନ୍ଦିରର ଅନତି ଦୂରରେ କାଶତଣ୍ଡୀ ଫୁଲର ସମ୍ଭାର।



ଭୁବନେଶ୍ୱରସ୍ଥିତ ଓଡିଏମ୍ ସ୍କୁଲରେ ଗୁରୁବାର ଓଡ଼ିଆ ଚଳଚ୍ଚିତ୍ର 'ପଗଲୁ'ର ଅଡିଓ ରିଲିଜ୍ କାର୍ଯ୍ୟକ୍ରମରେ ଉପସ୍ଥିତ କଳାକାର, କଣ୍ଠଶିଳ୍ପୀ ଓ ଅନ୍ୟମାନେ ।




ବିଭିନ୍ନ ଦାବି ନେଇ ଗୁରୁବାର ଓଡ଼ିଶା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ।



ତୁମର କର୍ତ୍ତବ୍ୟ ଅସୀମ, କିନ୍ତୁ ତୁମ ହାତରେ ଥିବା ସମୟ ସୀମିତ। ତେଣୁ ଗୋଟିଏ ସୁଦ୍ଧା ମୁହୂର୍ତ୍ତ ନଷ୍ଟ କରନାହିଁ।
- ସେନେକା

## ସଂକ୍ଷେପରେ

### ଜୁଏଲେରି ଦୋକାନରୁ ଚୋରି

**ପୁରୁଣା ଭୁବନେଶ୍ୱର,୬।୯(ଡି.ଏନ୍.ଏ.):** ରବି ଟକିଜ-ସାନିଟାରୀ ଛକ ରାସ୍ତାର କେଦାରଗୌରୀ ଫାଣ୍ଡି ନିକଟରେ ଥିବା ପି.କେ ଜୁଏଲେରୀ ଦୋକାନରୁ ବୁଧବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଛି। ଦୋକାନ ମାଲିକ କୈଳାସ ଚନ୍ଦ୍ର ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୭୦/୧୮)ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଶଟର ତାଡି ଦୋକାନ ଭିତରେ ପଶିଥିଲେ। ଦୋକାନ ଭିତରେ ଥିବା ର୍ୟାକରୁ ୫ଟି ମୁଦି, ୩ଟି ସୁନାବଳା, ୬୦ଟି କାନ ଟପ ସହ ରୂପାର ଅନ୍ୟ ସାମଗ୍ରୀ ନେଇ ଫେରାର ହୋଇଯାଇଥିଲେ। ସକାଳେ କୈଳାସ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଓ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ତଦନ୍ତ ଚଳାଇଛି।

### ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ପାଇଁ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର, ୬।୯(ବ୍ୟୁରୋ):** ତୃତୀୟ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ପ୍ରତିଯୋଗିତା-୨୦୧୮ ଓଡିଶାରେ ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ଏଡିଜି (ଆଧୁନିକୀକରଣ) ଭି ଟି ମିଶ୍ରଙ୍କ ଅଧକ୍ଷତାରେ ବୈଷୟିକ ନିର୍ଦ୍ଦେଶକମାନଙ୍କୁ ନେଇ ଷ୍ଟେଟ ଆର୍ମଡ ପୋଲିସ (ଏସ୍ଏପି) ମୁଖ୍ୟ କାର୍ଯ୍ୟାଳୟରେ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜୁଡୋ, ଟାଏକୋଣ୍ଡୋ, ଉସୁ ଓ ଜିମ୍ନାଷ୍ଟିକର ଜାତୀୟ ଓ ରାଜ୍ୟସ୍ତରୀୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ପ୍ରତିଯୋଗିତା ପାଇଁ ବିଭିନ୍ନ ନୀତିନିୟମ, ଆବଶ୍ୟକ ଉପକରଣ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ସହକାରୀ ସଙ୍ଗଠନ ସମ୍ପାଦକ ଭାବେ ଆଇପିଏସ ଅମିତାଭ ଠାକୁର, କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ଯୁଗ୍ମ ସଚିବ ମନୋଜ କୁମାର ପାଢୀ, ଏଆଇଜି ବିପି ବାବୁ, କ୍ରୀଡା ଅଧିକାରୀ ବିବି ପରିଡା ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### କଲେଜ ଅଧକ୍ଷଙ୍କୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ଚିଠି

**ଭୁବନେଶ୍ୱର, ୬।୯(ବ୍ୟୁରୋ):** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଲୋୟର ପିଏମ୍ଜିରେ ଅହୋରାତ୍ର ଧାରଣା ଦେଇଥିବାରୁ କଲେଜଗୁଡିକରେ ଶିକ୍ଷାଦାନ ବାଧାପ୍ରାପ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ବର୍ତ୍ତମାନ ସମୟରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସ୍ଥିତି କ'ଣ ରହିଛି ତାହା ଜାଣିବା ପାଇଁ ଗୁରୁବାର ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ କଲେଜ ଅଧକ୍ଷମାନଙ୍କୁ ଚିଠି ଲେଖି ବିବରଣୀ ମଗାଯାଇଛି। ବେସରକାରୀ ସ୍ୱୟଂଶାସିତ କଲେଜ ଏବଂ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜ ଅଧକ୍ଷଙ୍କୁ ଏହି ଚିଠି ଲେଖାଯାଇଛି। ନିର୍ଦ୍ଦେଶାଳୟ ପକ୍ଷରୁ ଗୋଟିଏ ଫର୍ମ ଅଧକ୍ଷମାନଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଫର୍ମକୁ ଅଧକ୍ଷମାନେ ପୂରଣ କରି ନିର୍ଦ୍ଦେଶାଳୟ ଇ-ମେଲ୍ ଆଇଡିରେ ପ୍ରଦାନ କରିବାକୁ କୁହାଯାଇଛି। କଲେଜ ଧାରଣାରେ ସମ୍ପୃକ୍ତ କି, ଯଦି ସମ୍ପୃକ୍ତ ତେବେ କେତେଜଣ ଅଧାପକ ଧାରଣାରେ ଅଂଶଗ୍ରହଣ କରିଛନ୍ତି, ଏହାଦ୍ୱାରା କେତେ ସଂଖ୍ୟକ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ ହେଉଛି, ଦୈନିକ କେତେ କ୍ଲାସ୍ ବନ୍ଦ ରହୁଛି ଆଦି ବିଷୟରେ ଜଣାଇବାକୁ ନିର୍ଦ୍ଦେଶାଳୟ ପକ୍ଷରୁ ଅଧକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ଆଜି ପଣ୍ଡିତ ନୀଳକଣ୍ଠ ଦାସ ସ୍ମାରକୀ ବକ୍ତୃତା

**ଭୁବନେଶ୍ୱର,୬।୯(ବ୍ୟୁରୋ):** ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଚିନ୍ତାନାୟକ, ଦାର୍ଶନିକ, କବି ତଥା ବାଗ୍ମୀ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସ୍ମୃତିରେ ଶୁକ୍ରବାର ପାନ୍ଥନିବାସଠାରେ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ କବି ତଥା କଥାକାର ଡ. ନିତ୍ୟାନନ୍ଦ ଶତପଥୀ ଯୋଗଦେଇ 'ନୀଳକଣ୍ଠ ଦାସ: ଭାଷା, ସାହିତ୍ୟ ଓ ସଂସ୍କୃତି' ବିଷୟରେ ସ୍ମାରକୀ ବକ୍ତୃତା ପ୍ରଦାନ କରିବେ। ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ଭାବେ ଡ. ପୂର୍ଣ୍ଣେନ୍ଦୁ କୁମାର ଦାସ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

## ଚିନ୍ତା ବଢ଼ାଇଛି ଜଳବନ୍ଦୀ ସମସ୍ୟା
# ୧୮ ଜାଗାରେ ମହଜୁଦ ରହିଛି ପମ୍ପସେଟ୍

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

### ବିଏମ୍ସିର ଆଗୁଆ ପଦକ୍ଷେପ

ଲଘୁଚାପ ଜନିତ ଲଗାଣ ବର୍ଷା ବିଏମ୍ସିକୁ ନାକେଦମ କରିଛି। ବର୍ଷା ହେଲେ ବିଭିନ୍ନ ସ୍ଥାନରେ ପାଣି ଜମି ଜଳବନ୍ଦୀ ସମସ୍ୟା ଦେଖାଦେଉଥିବାରୁ ବିଏମ୍ସିକୁ ସାଧାରଣରେ ସମାଲୋଚନାର ଶିକାର ହେବାକୁ ପଡୁଛି। ତେଣୁ ଜଳବନ୍ଦୀ ସମସ୍ୟାର ସମାଧାନ ଲାଗି ବିଏମ୍ସି ପକ୍ଷରୁ ଆଗୁଆ ପଦକ୍ଷେପ ନିଆଯାଇଛି। ନିୟମିତ ଭାବେ ବର୍ଷା ଜଳ ଜମୁଥିବା ୧୮ଟି ଅଞ୍ଚଳରେ ଷ୍ଟାଣ୍ଡବାଏ ଭାବେ ପମ୍ପସେଟ୍ ରଖାଯାଇଛି। ବର୍ଷା ସମୟରେ ପାଣି ଜମିଲେ ତୁରନ୍ତ ପମ୍ପ ଜରିଆରେ ନିଷ୍କାସନ କରାଯାଉଛି। ମଲ୍ଲିକ କମ୍ପ୍ଲେକ୍ସ, ବରମୁଣ୍ଡାର ନୀଳକଣ୍ଠେଶ୍ୱର ମନ୍ଦିର, ପାଇକ ନଗରର ନୂଆ ଫରେଷ୍ଟ ପାର୍କ, ଗାୟତ୍ରୀ ନଗର, ପାହାଳର ରୁଦ୍ରପୁର, ବିଜେବି ନଗର, ମଇଳା ଟାଙ୍କି, ଗ୍ୟାରେଜ ଛକ, ଶ୍ରୀରାମନଗର, ଗୌରୀ ଶଙ୍କର ଇଂଲିଶ୍ ମିଡିୟମ୍ ସ୍କୁଲ ଏବଂ ନୂଆ ଗାଁ ମେନ୍ ରୋଡ୍ ଅଞ୍ଚଳରେ ପାଣି ଜମୁଥିବାରୁ ଏସବୁ ସ୍ଥାନରେ ବିଏମ୍ସି କର୍ମଚାରୀମାନେ ପାଣି ନିଷ୍କାସନ ପମ୍ପ ରଖାଯାଇଛି। ସେହିପରି ଅଗ୍ନିଶମ ବିଭାଗ ପକ୍ଷରୁ ରତନ ଭିଲ୍ଲା, ପବିତ୍ର ଗେଷ୍ଟହାଉସ, ଗୌରୀ ଗାର୍ଡେନ ଏବଂ ଗୌରୀନଗର ଭଳି ସ୍ଥାନରେ ମଧ ପମ୍ପ ରଖାଯାଇଛି।

ଲଘୁଚାପ ସୃଷ୍ଟି ହେଲେ ସହରର ବସ୍ତି ଏବଂ ତଳି ଅଞ୍ଚଳ ଲୋକ ପ୍ରମାଦ ଗଣିବା ଆରମ୍ଭ କରିଦେଉଛନ୍ତି। ରାତି ଅଧରେ ବର୍ଷା ହେଲେ ଅଚାନକ ଘର ଭିତରକୁ ପାଣି ମାଡି ଆସୁଛି। ଲୋକଙ୍କ ଧନ ସମ୍ପତ୍ତି କ୍ଷତି ହେଉଛି। ଏପଟେ କିନ୍ତୁ ବିଏମ୍ସି ଜଳବନ୍ଦୀ ସମସ୍ୟାରେ ସୁଧାର ଆସିଛି ବୋଲି କହୁଛି। ଦୁଇଦିନ ହେଲା ବର୍ଷା ଲାଗିରହିଥିବାରୁ ସହରର ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ରସୁଲଗଡ, ଇସ୍କନ ମନ୍ଦିର ଏବଂ ବେହେରା ସାହିରେ ପାଣି ଜମି ରହିଥିଲା। କିନ୍ତୁ ପୂର୍ବପରି ଆଉ ୩ରୁ ୪ ଘଣ୍ଟା ପାଣି ଜମୁନି। ବର୍ଷା ଛାଡିବା ପରେ ଅଧଘଣ୍ଟା ଭିତରେ ବର୍ଷା ପାଣି ନିଷ୍କାସିତ ହୋଇ ଯାଉଛି ବୋଲି ବିଏମ୍ସି କହୁଛି। ଲୋକଙ୍କ ପାଖରେ ପହଞ୍ଚି ଜଳମଗ୍ନ ସମସ୍ୟା ସମାଧାନ କରିବା ପାଇଁ ବିଏମ୍ସି ତା'ର କାର୍ଯ୍ୟାଳୟରେ ସବୁ ବିଭାଗର କର୍ମଚାରୀଙ୍କୁ ନେଇ କଣ୍ଟ୍ରୋଲ ରୁମ୍ ଖୋଲିଛି। କଣ୍ଟ୍ରୋଲ ରୁମ୍ ନଂ ୦୬୭୪-୨୪୩୨୨୮ ସହିତ ଭୁବନେଶ୍ୱର ଅପରେଶନ ସେଣ୍ଟର ଅର୍ଥାତ୍ ଭୁବନେଶ୍ୱର ୱାନ୍ ନଂ ୧୮୦୦-୩୪୫-୦୦୬୧ ଜାରି କରିଛି। ଏହି ନମ୍ବରରେ ଫୋନ କରି ସମସ୍ୟା ବିଷୟରେ ବିଏମ୍ସିକୁ ଜଣାଇବାକୁ ବିଏମ୍ସି କହିଛି। ଗୁରୁବାର କଣ୍ଟ୍ରୋଲ ରୁମକୁ ୧୨ ଅଭିଯୋଗ ଆସିଥିବାବେଳେ ଭୁବନେଶ୍ୱର ୱାନ ନମ୍ବରକୁ ୫ ଅଭିଯୋଗ ଆସିଛି ବୋଲି ବିଏମ୍ସି ପକ୍ଷରୁ ସୂଚନା ମିଳିଛି।

# ଓୟୁଏଟିରେ କୁକୁର ଛୁଆର ବିରଳ ଅସ୍ତ୍ରୋପଚାର

**ଭୁବନେଶ୍ୱର,୬।୯(ବ୍ୟୁରୋ)**



ଓୟୁଏଟି ଭେଟେରିନାରି ସର୍ଜନ୍ଙ୍କ ଦ୍ୱାରା ଗୁରୁବାର ଏକ କୁକୁର ଛୁଆର ବିରଳ ହୃଦୟ ଅସ୍ତ୍ରୋପଚାର କରାଯାଇଛି। ସୂଚନାଯୋଗ୍ୟ, କଟକ ବାସିନ୍ଦା ପି. ଲୋକନାଥ ରେଡ୍ଡୀଙ୍କ ଜର୍ମାନ୍ ଶେଫର୍ଡ କୁକୁର ଛୁଆ ଏକ ବିରଳ ଜନ୍ମଗତ ରୋଗରେ ପୀଡ଼ିତ ଥିଲା। ଏହି ରୋଗ ଯୋଗୁ କୁକୁର ଛୁଆଟି ବାରମ୍ବାର ବାନ୍ତି କରୁଥିଲା। ଓୟୁଏଟିରେ ପ୍ରଥମେ ଏକ୍ସ-ରେ ହେବା ପରେ ସେ 'ପର୍ସିଷ୍ଟେଣ୍ଟ ରାଇଟ୍ ଆରୋଟିକ୍ ଆର୍କ' ନାମକ ରୋଗରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ତେବେ ଏହି ରୋଗର ଅସ୍ତ୍ରୋପଚାର ବହୁ କଷ୍ଟ ଏବଂ ଭାରତରେ କ୍ୱଚିତ୍ ସ୍ଥାନରେ ହୁଏ। ମାତ୍ର ଓୟୁଏଟି ଭେଟେରିନାରି ସର୍ଜନ୍ଙ୍କ ଏକ ଟିମ୍ ଡା. ଇନ୍ଦ୍ରମଣି ନାଥ, ଡା. ବିଶ୍ୱଦୀପ୍ ଜେନା, ଡା. ସିଦ୍ଧାର୍ଥ ଶଙ୍କର ବେହେରା ଓ ଡା. ଧନ ଲକ୍ଷ୍ମୀଙ୍କ ତତ୍ତ୍ୱାବଧାନରେ ସଫଳତାର ସହ ଏହି ଅସ୍ତ୍ରୋପଚାର କରିଛନ୍ତି। ଡାକ୍ତରଙ୍କ କହିବାନୁଯାୟୀ, କୁକୁର ଛୁଆଟି ବର୍ତ୍ତମାନ ଭଲ ଅଛି ଏବଂ ଆଗାମୀ ଦିନରେ ଏହା ସାଧାରଣ ସୁସ୍ଥ ଜୀବନଯାପନ କରିପାରିବ।




ଇଡ୍କୋ ଲ୍ୟାଣ୍ଡବ୍ୟାଙ୍କ ଯୋଜନାରେ ଜମି ଅଧିଗ୍ରହଣ ପାଇଁ କ୍ଷତିପୂରଣ ରାଶି ଶୀଘ୍ର ଘୋଷଣା କରିବା ଦାବିରେ ବାଲେଶ୍ୱରର ରେମୁଣା ଲ୍ୟାଣ୍ଡ ଲୁଜର୍ସ କୃଷକ ମଞ୍ଚ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର୍ ପିଏମ୍ଜିଠାରେ ବିକ୍ଷୋଭ ପ୍ରଦର୍ଶନ।

## ଗଣେଶପୂଜା ପାଇଁ କମିଶନରେଟ ପୋଲିସର କଟକଣା
# ଜବରଦସ୍ତ ଚାନ୍ଦା ମାଗିଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

ଆସନ୍ତା ୧୩ ତାରିଖରେ ଗଣେଶ ପୂଜା। ପୂଜା ନାଁରେ ଚାନ୍ଦା ଆଦାୟକୁ ନେଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଥିବାରୁ ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ କଟକଣା ଜାରି କରାଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ସଂଗଠନ, ମନ୍ଦିର, କ୍ଲବ ଓ ଅନ୍ୟାନ୍ୟ ସ୍ଥାନରେ ପୂଜା ଆୟୋଜନ କରାଯିବ। ଏହି ସମୟରେ ବିଭିନ୍ନ ପୂଜା ମଣ୍ଡପରେ ମେଲୋଡି, ଡ୍ୟାନ୍ସ ଓ ସଂଗୀତ କାର୍ଯ୍ୟକ୍ରମ ହେବ। ତେଣୁ ପୂଜା ନାଁରେ ଅନେକ ବ୍ୟକ୍ତି ବିଭିନ୍ନ ଧର୍ମର ଲୋକଙ୍କଠାରୁ ଜୋରଜବରଦସ୍ତ ଚାନ୍ଦା ମାଗିବେ, ଯାହାକୁ ବାରଣ କରିଛି କମିଶନରେଟ ପୋଲିସ। କୌଣସି ବ୍ୟକ୍ତି ବା ସଂଗଠନ ଜୋରଜବରଦସ୍ତ ଚାନ୍ଦା ମାଗିଲେ କମିଶନରେଟ ପୋଲିସ ପକ୍ଷରୁ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ଦିଗରେ ପଦକ୍ଷେପ ନେବାକୁ ପୋଲିସ କମିଶନର ସତ୍ୟଜିତ ମହାନ୍ତି ଟ୍ୱିନ୍ସିଟିର ଡିସିପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହାସହ ଆହୁରି ମଧ କୁହାଯାଇଛି, ମସ୍ଜିଦ କିମ୍ବା ଚର୍ଚ୍ଚରେ ପ୍ରାର୍ଥନା ସମୟରେ ଉଚ୍ଚଶବ୍ଦରେ ସାଉଣ୍ଡ ବଜାଯିବ ନାହିଁ। ଯେଉଁ ଜାଗାରେ ବିବାଦ ରହିଥିବ ସେଠାରେ ପୂଜା ପେଣ୍ଡାଲ କରାଯିବନି। ଭସାଣି ସମୟରେ ଲାଠି ଓ ଅନ୍ୟ ଲୁହା ହତିଆର ନିଆଯିବ ନାହିଁ। ପୂଜାରେ ଅଶ୍ଳୀଳ ଡ୍ୟାନ୍ସ କରାଯିବ ନାହିଁ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ସାଉଣ୍ଡ ବକ୍ସ ବଜାଯିବ ନାହିଁ। ଭସାଣି ସମୟରେ ନିଜ ଅଞ୍ଚଳରେ ଭସାଣି କରାଯିବ। ଭସାଣି ସମୟରେ ନିଶା ସେବନ ଉପରେ କଟକଣା ଲଗାଯିବା ସହ ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯଦି ଏସବୁ ନିର୍ଦ୍ଦେଶକୁ କୌଣସି ପୂଜା ମଣ୍ଡପ ପାଳନ ନ କରନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର
# ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

**ବାରଙ୍ଗ,୬।୯(ଡି.ଏନ୍.ଏ.)**

### ସ୍ୱାମୀ ଗିରଫ

ଚନ୍ଦକା ଥାନା ଅଧୀନ ପାଇକେରାପୁର ଗ୍ରାମରୁ ପୋଲିସ ଗୁରୁବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରିଛି। ମୃତା ହେଲେ ଏହି ଥାନା ଅଧୀନ କୁମାରବସ୍ତ ଗ୍ରାମର ରବୀନ୍ଦ୍ର ବେହେରାଙ୍କ ଝିଅ ସରିତା। ଏ ନେଇ ରବୀନ୍ଦ୍ର ଝିଅକୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ କରିବା ପରେ ନଂ. ୧୩୦/୧୮ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ସରିତାଙ୍କ ସ୍ୱାମୀ ତରୁଣ କୁମାର ସାହୁଙ୍କୁ ଗିରଫ କରି ଗୁରୁବାର ଭୁବନେଶ୍ୱର କୋର୍ଟଚାଲାଣ କରିଥିଲା। ମାତ୍ର ସେଠାରେ ଜାମିନ ନ ମିଳିବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି।

ପୋଲିସ ସୂଚନାନୁଯାୟୀ, ୫ବର୍ଷ ତଳେ ସରିତାଙ୍କ ସହ ତରୁଣଙ୍କ ପ୍ରେମବିବାହ ହୋଇଥିଲା। ସେମାନଙ୍କର ୪ବର୍ଷର ଏକ ଝିଅ ଅଛି। ତେବେ ବିଭିନ୍ନ କାରଣରୁ ଉଭୟଙ୍କ ମଧରେ ପାଟିତୁଣ୍ଡ ହେଉଥିଲା। ବୁଧବାର ରାତିରେ ସରିତା ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଥିବା ଖବର ପାଇ ତାଙ୍କ ବାପଘର ଲୋକେ ଗୁରୁବାର ଘଟଣାସ୍ଥଳରେ ପହଞ୍ଚିଥିଲେ। ରବୀନ୍ଦ୍ରଙ୍କ ଅଭିଯୋଗ ଅନୁଯାୟୀ, ସରିତାଙ୍କ ଶାଶୁଘର ଲୋକେ ଯୌତୁକ ଦାବି କରି ବିଭିନ୍ନ ସମୟରେ ସରିତାଙ୍କୁ ମାନସିକ, ଶାରୀରିକ ନିର୍ଯାତନା ଦେଉଥିଲେ। କିଛିଦିନ ତଳେ ୫୦ହଜାର ଟଙ୍କା ସେମାନେ ଦାବି କରିଆସୁଥିଲେ। ଟଙ୍କା ନ ମିଳିବାରୁ ଝିଅକୁ ହତ୍ୟା କରି ତାହାକୁ ଆତ୍ମହତ୍ୟାର ରୂପ ଦିଆଯାଇଥିବା ରବୀନ୍ଦ୍ର ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ବେଳେ ଏହି ଘଟଣାରେ ମୃତାଙ୍କ ଶାଶୁଘରର ଅନ୍ୟ ସଦସ୍ୟମାନେ ଫେରାର ହୋଇଯାଇଛନ୍ତି ବୋଲି ପୋଲିସ କହିଛି।

# ଟ୍ରାଫିକ ଅବ୍ୟବସ୍ଥା, ଲୋକେ ଅତିଷ୍ଠ

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ରାସ୍ତା ସମ୍ମୁଖ ରସୁଲଗଡ ଫ୍ଲାଏଓଭର ବ୍ରିଜ ତଳେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହି ସ୍ଥାନରେ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ ରହୁଛି। ଏହି ଛକକୁ ପାର ହେବାକୁ ଚାଳକମାନଙ୍କ ପାଇଁ କାଠିକର ପାଠ ହେଉଛି। କେତେଜଣ ଚାଳକ ଟ୍ରାଫିକ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରିବା ସହ ରଙ୍ଗ ରୁଟ୍ରେ ଗାଡ଼ି ଚଳାଚଳ କରୁଥିବାରୁ ଏଭଳି ସମସ୍ୟା ଦେଖାଦେଉଛି। ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ମଧ ଘଟୁଛି। ମଞ୍ଚେଶ୍ୱର ପୋଲିସ କିମ୍ବା ଟ୍ରାଫିକ କର୍ମଚାରୀ କେହି ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଉଛି।

ରବିବାର ଅପରାହ୍ନରେ ରସୁଲଗଡ ଅଞ୍ଚଳର ଭାରତ ପଟ୍ଟନାୟକ ଉକ୍ତ ଛକ ପାର ହେଉଥିବା ବେଳେ ରଙ୍ଗ୍ ରୁଟରୁ ଆସୁଥିବା ଏକ ପିକ୍ଅପ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ବାଇକ୍ରୁ ଛିଟିକି ପଡ଼ି ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇଥିବା ପିକ୍ଅପ ଭ୍ୟାନ ଫେରାର ହୋଇଯାଇଥିଲା। ଭାରତଙ୍କ ସମେତ ଅନ୍ୟ ସ୍ଥାନୀୟ ଲୋକେ କହିଛନ୍ତି, ପ୍ରତିଦିନ ଏଠାରେ ସକାଳୁ ରାତି ପର୍ଯ୍ୟନ୍ତ ଟ୍ରାଫିକ ଜାମ୍ ହେଉଛି। ୧୦୦ ମିଟର ରାସ୍ତା ପାର ହେବା ପାଇଁ ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗୁଛି। ଏଠାରେ ଯାତାୟାତ କରୁଥିବା ଗାଡ଼ି ଚାଳକ ମାନେ ଟ୍ରାଫିକ ନିୟମ ମାନୁ ନ ଥିବାରୁ ଏଭଳି ସମସ୍ୟା ହେଉଛି। ଟ୍ରାଫିକ ଜାମ୍ ହୋଇ ଘଣ୍ଟା ଘଣ୍ଟା ଧରି ଗାଡି ଲମ୍ବା ଲାଇନରେ ରହିବା ପରେ ମଞ୍ଚେଶ୍ୱର ପୋଲିସ ନଚେତ ରସୁଲଗଡ ଛକରୁ ଟ୍ରାଫିକ ପୋଲିସ ଆସି ଟ୍ରାଫିକ ନିୟନ୍ତ୍ରଣ କରୁଛନ୍ତି। ଏ ନେଇ ଟ୍ରାଫିକ ଏସିପି ଅନୁପ କାନୁନ୍ଗୋ କହିଛନ୍ତି, ଉକ୍ତ ଛକର ଟ୍ରାଫିକ ସମସ୍ୟାକୁ ସମାଧାନ ଲାଗି ଖୁବ୍ଶୀଘ୍ର ଜଣେ ଟ୍ରାଫିକ ପୋଲିସ ମୁତୟନ ହେବେ। ସେ ନିଜେ ଯାଇ ଛକର ସ୍ଥିତି ଅନୁଧ୍ୟାନ କରିବେ ଏବଂ ଆବଶ୍ୟକ ପଡିଲେ ସେଠାରେ ଡିଭାଇଡର ମଧ ତିଆରି କରାଯିବ।

## ପୁରୀ ମୁଖ୍ୟ କେନାଲକୁ ଓଲଟିଲା ଟାଟା ଏସିଇ
# ୧ ମୃତ, ଜଣେ ଗୁରୁତର

**ବାଲକାଟୀ,୬।୯(ଡି.ଏନ୍.ଏ.)**

ବାଲକାଟୀ ଫାଣ୍ଡି ଅଧୀନ ମାଳି ଭୋଇସାହି ନିକଟ ପୁରୀ ମୁଖ୍ୟ କେନାଲକୁ ଗୁରୁବାର ରାତି ପ୍ରାୟ ୧୦ଟାରେ ଏକ ଟାଟା ଏସିଇ ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଗାଡ଼ି ଭିତରେ ଥିବା ୨ଜଣଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ରାତି ପ୍ରାୟ ୧୦ଟାରେ ଏକ ଟାଟା ଏସିଇ ଗାଡ଼ି ଚେୟାର ଲୋଡ୍ କରି ବାଲିଅନ୍ତା ଥାନା ଆଡୁ ବାଲକାଟୀ ଅଭିମୁଖେ ପୁରୀ ମୁଖ୍ୟ କେନାଲ ରାସ୍ତାରେ ଆସୁଥିଲା। ମାଳି ଭୋଇସାହି ନିକଟରେ ଗାଡ଼ିଟି ହଠାତ୍ ଭାରସାମ୍ୟ ହରାଇବାରୁ ତାହା କେନାଲ ଭିତରକୁ ଓଲଟିପଡ଼ିଥିଲା। ସେଠାରେ ଉପସ୍ଥିତ କେତେଜଣ ସ୍ଥାନୀୟ ଲୋକେ ଏ ନେଇ ବାଲକାଟୀ ଫାଣ୍ଡିକୁ ଜଣାଇଥିଲେ। ଖବର ପାଇ ଫାଣ୍ଡି ପିସିଆର୍ ଏବଂ ବାଲିଅନ୍ତା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀମାନେ ପାଣି ଭିତରେ ବୁଡ଼ିରହିଥିବା ଟାଟା ଏସିଇ ଗାଡ଼ି ଭିତରୁ ୨ଜଣଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ପିସିଆର୍ ଭ୍ୟାନ୍ ଯୋଗେ ପ୍ରଥମେ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିଲା। ମାତ୍ର ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ପ୍ରାୟ ୪୦ ବର୍ଷ ହେବ ବୋଲି ପୋଲିସ କହିଛି।

# ଇମେଜ୍ ଯୁକ୍ତ୨ ବିଜ୍ଞାନ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୬।୯(ବ୍ୟୁରୋ)**

ଭୁବନେଶ୍ୱର ସତ୍ୟବିହାରସ୍ଥିତ ଇମେଜ୍ ଯୁକ୍ତ୨ ବିଜ୍ଞାନ ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ତଥା ସ୍ଥାନୀୟ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଅଧାପକ ମୀନାକ୍ଷ ପ୍ରସାଦ ଜେନା, ସମ୍ମାନିତ ଅତିଥି ଭାବେ ଅଭିନ୍ନ ଆଶୁତୋଷ ଶତପଥୀ ଏବଂ ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟ ସମ୍ପାଦିକା ବୈଜୟନ୍ତୀ ସାହୁ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ପ୍ରମୋଦ କୁମାର ସାମଲ କାର୍ଯ୍ୟକ୍ରମରେ ଅଧକ୍ଷତା କରି ଛାତ୍ରୀଛାତ୍ରମାନେ କିଭଳି ଜୀବନରେ ସଫଳତା ପାଇପାରିବେ, ସେ ନେଇ ସୂଚନା ଦେଇଥିଲେ।

# ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା



ଜ୍ଞାନ ବିଜ୍ଞାନ ମେଳାରେ ପୁରସ୍କୃତ ହୋଇଥିବା କୃତୀ ଛାତ୍ରୀଛାତ୍ର।

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

ନୀଳାଦ୍ରିବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍ଘାଟନୀ ଉତ୍ସବରେ ସରସ୍ୱତୀ ଜ୍ଞାନମନ୍ଦିରର ଅଧକ୍ଷ ଡ. ବିଜୟ କୁମାର ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଭାଗୀମାନଙ୍କୁ ସଫଳ ବୈଜ୍ଞାନିକ ହୋଇ ଭାରତମାତାର ଉନ୍ନତି ପାଇଁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ଉଦ୍ଯାପନୀ ଉତ୍ସବରେ ଭୁବନେଶ୍ୱରସ୍ଥିତ ଭାରତୀୟ ଜଳ ପ୍ରବନ୍ଧନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଏସ୍.କେ. ଅମ୍ବସ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁ ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିବା ପ୍ରକଳ୍ପଗୁଡିକୁ ଭୂୟସୀ ପ୍ରଶଂସା କରିଥିଲେ। ଏହା ସହ ଭବିଷ୍ୟତରେ ଜଣେ ଜଣେ ସଫଳ ବୈଜ୍ଞାନିକ ହୋଇ ବିଦ୍ୟାଳୟର ଗୌରବକୁ ବହୁଗୁଣିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ୨୬୨ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଜ୍ଞାନ ପ୍ରକଳ୍ପ ବ୍ୟତୀତ ବିଜ୍ଞାନ ପ୍ରଶ୍ନମଞ୍ଚ, ବୈଦିକ ଗଣିତ ପ୍ରଶ୍ନମଞ୍ଚ, ସଂସ୍କୃତିଜ୍ଞାନ ପ୍ରଶ୍ନମଞ୍ଚ, ବିଜ୍ଞାନ ପତ୍ରବାଚନ ଓ ଆଚାର୍ଯ୍ୟ ନିବନ୍ଧ ଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଂଯୋଜକ ଦୀପ୍ତିମୟ ରଥ ବିଜ୍ଞାନ ମେଳାର ବିବରଣୀ ପାଠ କରିଥିବା ବେଳେ ବରିଷ୍ଠ ଆଚାର୍ଯ୍ୟ ସୁରେଶ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍କୁଳ ସଂଯୋଜକ କେଦାରନାଥ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୫ଫୁଟର ତମ୍ପ ଉଦ୍ଧାର

**ପୁରୁଣାଭୁବନେଶ୍ୱର/ ପିପିଲି, ୬।୯(ଡି.ଏନ୍.ଏ.)**

ପିପିଲି ନିକଟବର୍ତ୍ତୀ ପାଇକସାହିର ଜଣୈକ ବ୍ୟକ୍ତିଙ୍କ କୁକୁଡା ଫାର୍ମରୁ ପ୍ରାୟ ୫ଫୁଟ ଲମ୍ବର ତମ୍ପ ସାପ ଉଦ୍ଧାର କରାଯାଇଛି। ଗୁରୁବାର ତମ୍ପଟି ଆଜବେଷ୍ଟସ ଫାଙ୍କରେ ଫାର୍ମ ଭିତରକୁ ପଶିଥିଲା। ଫାଙ୍କ କାନ୍ଥରେ ଏତେ ବଡ ସାପକୁ ଦେଖି ଘର ଲୋକେ ସ୍ନେକ ହେଲ୍ପ ଲାଇନ ସଦସ୍ୟ ଅରୁଣ ବରାଳଙ୍କୁ ଖବର ଦେଇଥିଲେ। ଖବରପାଇ ବରାଳ ଘଟଣାସ୍ଥଳରେ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ।

# ସଂପରିବର୍ତ୍ତନ ଦେୟ ବୃଦ୍ଧି ପ୍ରତିବାଦରେ ଧାରଣା



ଧାରଣାରେ ବସିଥିବା ରାମେଶ୍ୱର ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା।

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

ଭୁବନେଶ୍ୱରରେ ସରକାରୀ ଜମିରେ ବାସଗୃହ ଏବଂ ଦୋକାନଗୃହ କରିବା ପାଇଁ ରାଜ୍ୟ ସରକାର କେତେଜଣ କର୍ମଚାରୀଙ୍କୁ ଲିଜ୍ ସୂତ୍ରରେ ଜମି ପ୍ରଦାନ କରିଥିଲେ। ଏବେ ଏହି ଜମିକୁ ସ୍ଥିତିବାନ କରିବା ପାଇଁ ରାଜ୍ୟ ସରକାର ସ୍ଥିର କରିଥିବା ସଂପରିବର୍ତ୍ତନ ଦେୟ ଅହେତୁକ ଭାବେ ବୃଦ୍ଧି କରିଛନ୍ତି। ଲିଜ୍ ପାଇଥିବା କର୍ମଚାରୀ ଉକ୍ତ ଦେୟ ପ୍ରଦାନ କରିପାରିବାକୁ ସକ୍ଷମ ନୁହନ୍ତି। ସେମାନେ କମ୍ ବେତନଭୋଗୀ ହୋଇଥିବାରୁ ଏତେଗୁଡିଏ ଟଙ୍କା ଦେୟ ପ୍ରଦାନ କରିବା ସମ୍ଭବ ନୁହେଁ। ତେଣୁ ରାଜ୍ୟ ସରକାର ସ୍ଥିର କରିଥିବା ସଂପରିବର୍ତ୍ତନ ଦେୟକୁ ପ୍ରତ୍ୟାହାର କରି ନିଅନ୍ତୁ ବୋଲି ରାମେଶ୍ୱର ବରିଷ୍ଠ ନାଗରିକ ସଂଘର ସଭାପତି ମହେନ୍ଦ୍ରନାଥ ମହାପାତ୍ର କହିଛନ୍ତି।

ସଂପରିବର୍ତ୍ତନ ଦେୟ ବୃଦ୍ଧିକୁ ବିରୋଧ କରି ଗୁରୁବାର ସଂଘ ପକ୍ଷରୁ ସମ୍ପାଦକ ବଂଶୀଧର ପରିଡ଼ାଙ୍କ ସମେତ ଶତାଧିକ ବରିଷ୍ଠ ନାଗରିକ ମାଷ୍ଟରକ୍ୟାଣ୍ଟିନ ଛକରୁ ଶୋଭାଯାତ୍ରାରେ ଲୋୟର ପିଏମ୍ଜିରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ। ସଭାପତି ମହାପାତ୍ର କୁହନ୍ତି, ୧୯୭୨ରେ ଲିଜ୍ ପ୍ରଦାନ ବେଳେ ଜମିର ମୂଲ୍ୟ ଏକର ପ୍ରତି ୨୦,୦୦୦ ଟଙ୍କା ଥିଲା। ବଢିବଢି ୨୦୦୩ ବେଳକୁ ଜମିର ମୂଲ୍ୟ ୮୦,୦୦୦ ଟଙ୍କାରେ ପହଞ୍ଚିଥିଲା। ସେହିବର୍ଷ ସରକାର ଜମିର ମୂଲ୍ୟ ବଢାଇ ଏକର ପ୍ରତି ଜମିର ମୂଲ୍ୟ ୩୦ ଲକ୍ଷ ଟଙ୍କା କରିଥିଲେ। ଏହାଉପରେ ୫% ଏବଂ ୧୦% ସଂପରିବର୍ତ୍ତନ ଦେୟ ଦେଇ ଲିଜ୍ଧାରୀ ସ୍ଥିତିବାନ କରିବା ପାଇଁ ସରକାର କହିଥିଲେ। ତେବେ ଲିଜ୍ ପାଇଥିବା କର୍ମଚାରୀ ଏହି ଦେୟ ଦେବାଭଳି ସ୍ଥିତିରେ ନାହାନ୍ତି। ତେଣୁ ସରକାର ଏହାକୁ ପ୍ରତ୍ୟାହାର କରିନିଅନ୍ତୁ ବୋଲି ସଂଘ ଦାବି କରୁଥିବା ମହାପାତ୍ର କହିଛନ୍ତି।



ତୁମର କର୍ତ୍ତବ୍ୟ ଅସୀମ, କିନ୍ତୁ ତୁମ ହାତରେ ଥିବା ସମୟ ସୀମିତ। ତେଣୁ ଗୋଟିଏ ସୁଦ୍ଧା ମୁହୂର୍ତ୍ତ ନଷ୍ଟ କରନାହିଁ। - ସେନେକା



## ସଂକ୍ଷେପରେ

### ବିଦ୍ୟୁତ୍ ତାର ଛିଣ୍ଡିବାରୁ ଦୁର୍ଘଟଣା ଜଣେ ଆହତ, ୮ ଛେଳି ମୃତ

ସାଲେପୁର, ୬।୯ (ଡି.ଏନ୍.ଏ):ସାଲେପୁର ବ୍ଲକ୍ ପିକୋଳ ପଞ୍ଚାୟତ ଅନ୍ତର୍ଗତ ବଣହରା ଗ୍ରାମର ଦଳିତ ସାହିସ୍ଥିତ ୭ନଂ. କେନାଲ୍ ବନ୍ଧ ପାର୍ଶ୍ୱରେ ଗୁରୁବାର ବିଦ୍ୟୁତ୍ ତାର ଛିଣ୍ଡିପଡିବାରୁ ୮ଟି ଛେଳିର ମୃତ୍ୟୁ ଘଟିଥିବା ବେଳେ ଜଣେ ଛେଳିପାଳକ ଆହତ ହୋଇଛନ୍ତି। ଆହତ ଜଣକ ହେଲେ ଦଳିତ ସାହିର କାଙ୍ଗାଳି କାଣ୍ଡି। ତାଙ୍କୁ ଚିକିତ୍ସା ନିମନ୍ତେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଯୋଗ୍ୟ, ଦଳିତ ସାହିର କାଙ୍ଗାଳି କାଣ୍ଡି, କଣ୍ଢୁରି କାଣ୍ଡି, ଶୁକଦେବ ଭୋଇ କେନାଲ ବନ୍ଧ ପାର୍ଶ୍ୱରେ ଛେଳି ଚରାଉଥିଲେ। ଏହି ସମୟରେ ବନ୍ଧ ପାର୍ଶ୍ୱଦେଇ ଯାଇଥିବା ବିଦ୍ୟୁତ୍ ତାର ହଠାତ୍ ଛିଣ୍ଡି ପଡିଥିଲା। ଫଳରେ ଘଟଣା ସ୍ଥଳରେ ୮ଟି ଛେଳିର ମୃତ୍ୟୁ ଘଟିଥିବା ବେଳେ କାଙ୍ଗାଳି ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ପିକୋଳ ସରପଞ୍ଚ ରଣଜୀତ୍ ଦାସ ସାଲେପୁର ସେସୁ (ବିଦ୍ୟୁତ୍) ଡିଭିଜନ୍ ଓ ଭାରପ୍ରାପ୍ତ ତହସିଲଦାର ଶିବବ୍ରତ ଘୋଷଙ୍କୁ ଅବଗତ କରାଇଥିଲେ। ବିଦ୍ୟୁତ୍ ବିଭାଗର ଆର୍‌ପିୟୁଏଲ୍ ମ୍ୟାନେଜର ମହେନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି ୩ ଛେଳିପାଳକଙ୍କୁ କ୍ଷତିପୂରଣ ବାବଦରେ ମୋଟ୍ ୯ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ଆହତ କାଙ୍ଗାଳିଙ୍କ ଚିକିତ୍ସା ନିମନ୍ତେ ସହାୟତା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

### ଲଗାଣ ବର୍ଷାରେ ଭୁଶୁଡିଲା କାନ୍ଥ: ମହିଳା ଗୁରୁତର

ସାଲେପୁର, ୬।୯ (ଡି.ଏନ୍.ଏ.): ଲଗାଣବର୍ଷା ଯୋଗୁ ସାଲେପୁର ବ୍ଲକ ଓଡ଼ାସିଂହ ପଞ୍ଚାୟତ ଅନ୍ତର୍ଗତ ଧନୁପଡ଼ା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଗୋଟିଏ ଘରର କାନ୍ଥ ଭୁଶୁଡି ପଡିଛି। ଏଥିରେ ଜଣେ ବିଧବା ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ପ୍ରେମଲତା ପରିଡ଼ା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରେମଲତା ତାଙ୍କ ନାତି ସହ ଚାଳଛପର ଘରେ ଶୋଇଥିବା ବେଳେ ବର୍ଷାଯୋଗୁ ଘରର ମାଟିକାନ୍ଥ ଭୁଶୁଡ଼ି ପଡ଼ିଥିଲା। ଫଳରେ ତାଙ୍କ ଅଣ୍ଟା ଓ ଶରୀରରେ ଗୁରୁତର ଆଘାତ ଲାଗିଥିଲା। ମାତ୍ର ସୌଭାଗ୍ୟବଶତଃ ନାତିର କୌଣସି କ୍ଷତି ଘଟି ନ ଥିଲା। ପଡୋଶୀ ଲୋକେ ଉଭୟଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ଖବରପାଇ ଜାଗୁଲାଇପଡ଼ା ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହୋଇଛି।

### ସିଏସସି ଏଜୁକେଶନ୍ ଆଣ୍ଡ ଏକାଡେମୀର ଉଦ୍‌ଘାଟନୀ ଉତ୍ସବ

ନେମାଳ, ୬।୯(ଡି.ଏନ୍.ଏ.)- ନିଶ୍ଚିନ୍ତକୋଇଲି ବ୍ଲକ ନେମାଳସ୍ଥିତ ସିଏସସି ଏଜୁକେସନ୍ ଆଣ୍ଡ ଏକାଡେମୀର ଶୁଭ ଉଦ୍‌ଘାଟନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ନେମାଳଠାରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସିଏସ୍‌ସି ଓ ଏସପିଭିର ସିଇଓ ଡ. ଦିନେଶ ତ୍ୟାଗି ଏହାକୁ ଉଦ୍‌ଘାଟନ କରିଥିଲେ । ଉତ୍ସବରେ ସିଏସସିର ରାଜ୍ୟ ସଂଯୋଜକ ସ୍ୱର୍ଣ୍ଣପ୍ରଭା ସିଂ,କଟକ ଜିଲା ମୁଖ୍ୟ ପରିଚାଳକ ଜ୍ୟୋତିମୋହନ ଗଡନାୟକ ଓ ଆରିଫ୍ ଖାଁନ୍ ,ଉପଜିଲା ପରିଚାଳକ ଯଜ୍ଞ ରାଜଗୁରୁ, ଅମରେଶ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିଭାବେ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ଦିଲୀପ କୁମାର ଦେ, ଡ.ଶିବାଶିଷ ପାଲ, ଶିକ୍ଷାବିତ କ୍ଷୀରୋଦ କୁମାର ଷଡ଼ଙ୍ଗୀ ଓ ଅଧାପକ ବିନୟ କୁମାର ଦାସ ପ୍ରମୁଖ ଯୋଗଦେଇ ଶିକ୍ଷାର ଗୁଣାତ୍ମକ ମାନ ସମ୍ପର୍କରେ ସୂଚନା ଦେଇଥିଲେ।

### ନୂତନ ବ୍ଲକ ଶିକ୍ଷାଧିକାରୀଙ୍କୁ ଶୁଭେଚ୍ଛା

ନରସିଂହପୁର ୬।୯ (ସ୍ୱ.ପ୍ର.): ନରସିଂହପୁର ସରକାରୀ ବାଳିକା ହାଇସ୍କୁଲର ଶିକ୍ଷୟିତ୍ରୀ ସୌମ୍ୟାଶ୍ରୀ ପଣ୍ଡାଙ୍କୁ ବ୍ଲକ ଶିକ୍ଷା ଅଧିକାରୀ (ବି.ଇ.ଓ)ଭାବେ ନିଯୁକ୍ତି ଦିଆଯାଇଛି। ଏନେଇ ନରସିଂହପୁର ବ୍ଲକ ଶାଖା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଗୁରୁବାର ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସଂଘର ସଭାପତି ଶିକ୍ଷକ ନେତା ବିଜୟ କୁମାର ଭୂୟାଁଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏହି ସମୟରେ ବିନୋଦିନୀ ପଣ୍ଡା, ଈଶ୍ୱର ଚନ୍ଦ୍ର ସାହୁ, ପ୍ରଦୀପ ଦାଶ, ସାରଙ୍ଗଧର ରାଉତ ଓ ଅଶୋକ ରଣା, ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପଣ୍ଡା ନୂତନ ଦାୟିତ୍ୱକୁ ସୂଚାରୁ ରୂପେ ପ୍ରତିପାଦନ କରିବେ ବୋଲି ଶିକ୍ଷକ ସଂଘର କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

# ଅନୁସୂଚିତ ଜାତି, ଜନଜାତି ପିଲାଙ୍କୁ ମିଳିଲାନି ବହି

କଟକ ଅଫିସ, ୬।୯

**୧୦ ଦିନ ପରେ ତ୍ରୈମାସିକ ପରୀକ୍ଷା**
- ବିନା ପାଠ୍ୟପୁସ୍ତକରେ ପରୀକ୍ଷା ଦେବେ ୧୨୭୭୩ ପିଲା
- ଗତବର୍ଷ ବି ସମାନ ଅବସ୍ଥା ଉପୁଜିଥିଲା

ଚଳିତ ଶିକ୍ଷାବର୍ଷକୁ ୪ ମାସ ବିତିଛି। ଆଉ ୧୦ ଦିନ ପରେ ଅର୍ଥାତ୍ ୧୭ ତାରିଖରୁ ଦଶମ ଶ୍ରେଣୀ ପିଲାଙ୍କ ତ୍ରୈମାସିକ ପରୀକ୍ଷା ଆରମ୍ଭ ହେବ। ହେଲେ କଟକ ଜିଲାରେ ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାଙ୍କୁ ଖଣ୍ଡିଏ ବି ମାଗଣା ବହି ମିଳିଲାନି। ଜିଲାରେ ଦୁଇଟି ଶ୍ରେଣୀରେ ପାଠ ପଢୁଥିବା ଏହି ପିଲାଙ୍କ ସଂଖ୍ୟା ୧୨ହଜାର ୭୭୩। ବିନା ପାଠ୍ୟପୁସ୍ତକରେ ଏମାନେ କିପରି ପରୀକ୍ଷା ଦେବେ ତାହାକୁ ନେଇ ଏବେ ଅଭିଭାବକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗତବର୍ଷ ମଧ୍ୟ ସମାନ ଅବସ୍ଥା ଉପୁଜିଥିଲା। ମାଟ୍ରିକ ପରୀକ୍ଷାର ଗୋଟିଏ ସପ୍ତାହ ପୂର୍ବରୁ ପିଲାଙ୍କ ପାଖରେ ସରକାରୀ ବହି ପହଞ୍ଚିଥିଲା।

ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା କହିଛନ୍ତି ଯେ, ଆମକୁ ୬ ହଜାର ପାଖାପାଖି ବହି ଯୋଗାଇ ଦିଆଯାଇଛି। ଏହାକୁ ଆମେ ବିଭିନ୍ନ ସ୍କୁଲକୁ ପଠାଇବାର ବ୍ୟବସ୍ଥା କରୁଛୁ। ବହି ଯୋଗାଣ ଦାୟିତ୍ୱରେ ଥିବା ଜିଲା ବିଜ୍ଞାନ ପରିଦର୍ଶକ ରମାକାନ୍ତ ପ୍ରହରାଜ କୁହନ୍ତି, ବହି ସିନା ମିଳିଲେ ଆମେ ଯୋଗାଣ କରିବୁ। ଯେତିକି ବହି ଆସିଛି ତାହାକୁ ଆମେ ସ୍କୁଲମାନଙ୍କୁ ପଠାଇବାର ବନ୍ଦୋବସ୍ତ କରିଛୁ। କିନ୍ତୁ କେତେକ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ବ୍ୟବସ୍ଥାରେ ପରିଚାଳନାଗତ ତ୍ରୁଟି ଯୋଗୁ ପ୍ରତିବର୍ଷ ଏଭଳି ପରିସ୍ଥିତି ଉପୁଜୁଛି। ସରକାର ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ପାଇଁ ଯେଉଁସବୁ ଯୋଜନା କରୁଛନ୍ତି ତାହାର ସୁଫଳ ବାସ୍ତବରେ ସେମାନଙ୍କ ପାଖରେ ପହଞ୍ଚିପାରୁ ନାହିଁ। ଅନ୍ୟପକ୍ଷରେ ସରକାର ବହି ଯୋଗାଇବାରେ ହେଳା କରିବାରୁ ପିଲାମାନେ ବଜାରରେ ମିଳୁଥିବା କିବୁକ୍ (ସାୀ ପୁସ୍ତକ)ଗୁଡ଼ିକ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଏହାଦ୍ୱାରା ସେମାନଙ୍କ ମେଧା ଶକ୍ତି ପ୍ରଭାବିତ ହେଉଛି। କିନ୍ତୁ ଅନେକ ଗରିବ ପିଲା ଏହାକୁ କିଣି ପାରୁନାହାନ୍ତି। ଆଉ କେତେଜଣ ପିଲା ଅନ୍ୟ ପିଲାଙ୍କ ବହିକୁ ଜେରକ୍ସ କରି ପାଠ ପଢୁଥିବା ଭଳି ଘଟଣା ନଜରକୁ ଆସିଛି। ସେହିପରି ବୋର୍ଡ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦିଲୀପ ବେହେରାଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଲେ, ଆମେ ଯେଉଁ ବହି ପାଇଥିଲୁ ସେ ସବୁକୁ ପିଲାଙ୍କ ମଧ୍ୟରେ ବାଣ୍ଟି ଦେଇଛୁ। ବାକି କେତେଜଣ ପିଲା ବହି ପାଇନାହାନ୍ତି ସେ ସମ୍ପର୍କରେ ଅନୁଧ୍ୟାନ କରିବା ପରେ କହିବି ବୋଲି ବେହେରା କହିଥିଲେ। ଏମିତି ଅନେକ ଅଭିଯୋଗର ବାସ୍ତବତା ଜାଣିବାକୁ ଆମ ପ୍ରତିନିଧି କଟକ ଖାନନଗର ହାଇସ୍କୁଲକୁ ଯାଇଥିଲେ। ସେଠାରେ ନବମ ଓ ଦଶମରେ ପାଠ ପଢୁଥିବା ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କୁ ବହି ମିଳି ନ ଥିବା ଜଣାପଡ଼ିଥିଲା।

ଶିକ୍ଷାର ଗୁଣବତ୍ତା ଓ ମାଟ୍ରିକ ପରୀକ୍ଷାଫଳ ଶତପ୍ରତିଶତ କରିବା ପାଇଁ ଲକ୍ଷ୍ୟ ରଖିଥିବାବେଳେ ପାଠ୍ୟପୁସ୍ତକ ଯୋଗାଣରେ ଗୁରୁତର ବିଭ୍ରାଟ ଏବେ ସରକାରଙ୍କୁ ବଦନାମ କରୁଛି। ଏ ସମ୍ପର୍କରେ ଶିକ୍ଷା ସଚେତନତା କ୍ଷେତ୍ରରେ କାମ କରୁଥିବା ନିର୍ମଳ ଚନ୍ଦ୍ର ବେହେରା କୁହନ୍ତି, ଗଣଶିକ୍ଷା ବିଭାଗ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପିଲାମାନଙ୍କୁ ବହି ଯୋଗାଇ ଦିଆଯିବା ଦରକାର। ନଚେତ୍ ସରକାରଙ୍କ ମାଗଣା ବହି ଯୋଗାଣ ବ୍ୟବସ୍ଥା ଏପରି ସବୁବେଳେ ବାଟବଣା ହେଉଥିବ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକ।

■ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମକୁ ସମର୍ଥନ

## ୧୬ କ୍ଲଷ୍ଟରକୁ ମିଳିଲା ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

ବଡ଼ମ୍ବା,୬।୯(ଡି.ଏନ୍.ଏ.)

ଗୁରୁଦିବସ ଉପଲକ୍ଷେ ବଡ଼ମ୍ବାର ବିଭିନ୍ନ କ୍ଲଷ୍ଟରରେ ଆୟୋଜିତ କାର୍ଯ୍ୟକ୍ରମକୁ ଲୋକେ ସମର୍ଥନ ଜଣାଇ ମୋ ସ୍କୁଲ ଅଭିଯାନ ପାଇଁ ସାହାଯ୍ୟ କରିଛନ୍ତି। ଏହି ଅବସରରେ ବଡ଼ମ୍ବା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ୧୬ଟି କ୍ଲଷ୍ଟରକୁ ପ୍ରାୟ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାହାଯ୍ୟ ମିଳିଥିବା ନେଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ବ୍ଲକ ଶିକ୍ଷାଧିକାରୀ ସୁଜାତା ପ୍ରିୟଦର୍ଶିନୀ ପଣ୍ଡାଙ୍କ କହିବାନୁଯାୟୀ, ଚଳିତବର୍ଷ ଗୁରୁଦିବସ ଉତ୍ସବ ପାଳନ ଅବସରରେ ପୁରାତନ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଗ୍ରାମବାସୀଙ୍କୁ ସାମିଲ କରାଯିବାକୁ ପରାମର୍ଶ ଦିଆଯାଇଥିଲା । ସାଧରଣ ଲୋକଙ୍କୁ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା କରିବାକୁ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ କୁହାଯାଇଥିଲା । ଏନେଇ ବିଭିନ୍ନ କ୍ଲଷ୍ଟରରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ ରତାପାଟ ୟୁଜିଏମଇ କ୍ଲଷ୍ଟରରୁ ସର୍ବାଧିକ ୯୬ହଜାର ୩୫୨ଟଙ୍କା ମିଳିଛି ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ ।



ସାଲେପୁର ବ୍ଲକ ଗୋଠମିରା ରାସ୍ତାରେ ସୃଷ୍ଟି ହୋଇଥିବା ଘାଇ।



ସାଲେପୁରରେ ରାସ୍ତା ଉପରେ ପ୍ରବାହିତ ବର୍ଷା ପାଣି।





ସାଲେପୁର ତହସିଲ କାର୍ଯ୍ୟାଳୟରେ ବର୍ଷା ପାଣି ଜମି ରହିଛି।



ନିଶ୍ଚିନ୍ତକୋଇଲି ବ୍ଲକ ଦନାର୍ଦ୍ଦନପୁରରେ ପାଣି ଘେରରେ ଥିବା ଏକ ପରିବାର।



ମାହାଙ୍ଗା ବ୍ଲକରେ ଜଣେ ମହିଳାଙ୍କ ଘର ଭାଙ୍ଗିଯାଇଛି।



ଲଗାଣ ବର୍ଷା ଯୋଗୁ ରଘୁନାଥପୁର ବ୍ଲକ ଗୋକୁଳପୁର ସ୍କୁଲରେ ଆଶ୍ରୟ ନେଇଥିବା ଲୋକମାନଙ୍କୁ ପ୍ରଶାସନିକ ଅଧିକାରୀମାନେ ଭେଟୁଛନ୍ତି।

# ଘର ଭାଙ୍ଗିଲା, ବହୁ ପରିବାର ଜଳବନ୍ଦୀ

ନିଶ୍ଚିନ୍ତକୋଇଲି/ରଘୁନାଥପୁର/ନେମାଳ/ ସାଲେପୁର/ମାହାଙ୍ଗା/ଲଳିତଗିରି/ ବଡ଼ମ୍ବା, ୬।୯(ଡି.ଏନ୍.ଏ./ସ୍ୱ.ପ୍ର.)

**କୃତ୍ରିମ ବନ୍ୟା ପରିସ୍ଥିତି**
- ବ୍ୟାପକ ଚାଷଜମି ଜଳମଗ୍ନ
- ବିଦ୍ୟାଳୟରେ ଆଶ୍ରୟ ନେଲେ ବିପନ୍ନ
- ରାସ୍ତା ଉପରେ ଚାଲିଲା ବର୍ଷା ପାଣି
- ପରିମଳ ବିପର୍ଯ୍ୟସ୍ତ, ସଂକ୍ରମଣ ଆଶଙ୍କା

୩ ଦିନ ଧରି ଲଗାଣ ବର୍ଷା ଫଳରେ କଟକ ଜିଲାର ବିଭିନ୍ନ ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବ୍ୟାପକ ଚାଷଜମି ଜଳମଗ୍ନ ହୋଇ ରହିଥିବାବେଳେ ବହୁ ପରିବାର ଜଳବନ୍ଦୀ ହୋଇ ରହିଛନ୍ତି। ସେହିପରି ଅନେକ ମାଟି ଘର ବର୍ଷାରେ ଭୁଶୁଡ଼ି ପଡିଛି। ବିପନ୍ନଙ୍କୁ ବିଦ୍ୟାଳୟ ଗୃହ ଓ ଅନ୍ୟ ସ୍ଥାନରେ ଥଇଥାନ କରାଯାଇଛି। ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବାରୁ ଆଗକୁ ସଂକ୍ରମଣ ବ୍ୟାପିବାର ଆଶଙ୍କା ରହିଛି। ନିଶ୍ଚିନ୍ତକୋଇଲି ବ୍ଲକରେ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଲୁଣା ଚିତ୍ରୋତ୍ପଳା ଓ ମହାନଦୀ ଦୋଆବ ଅଞ୍ଚଳରେ ବହୁ ପରିବାର ପାଣିଘେରରେ ଅଛନ୍ତି। ଘରେ ପାଣି ପଶି ଖାଦ୍ୟଶସ୍ୟ ନଷ୍ଟ ହୋଇଛି। ଜଳ ନିଷ୍କାସନର ବାଟ ଏକପ୍ରକାର ବନ୍ଦ ହୋଇଯାଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ନିଶ୍ଚିନ୍ତକୋଇଲି ବ୍ଲକରେ ଗୁରୁବାର ୧୨୨.୪ ମିମି ବର୍ଷା ହୋଇଛି। ଏଥିରେ ୨୭ ପଞ୍ଚାୟତ ଅନ୍ତର୍ଗତ ୭୭ ଗ୍ରାମର ପ୍ରାୟ ୧୧ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ୫୩ ଘର ଭାଙ୍ଗିଯାଇଛି। ୫୦ ପରିବାରଙ୍କୁ ତହସିଲ ପ୍ରଶାସନ ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଛି। ପାଣି ଘେରରେଥିବା ଲୋକମାନଙ୍କୁ ଶୁଖିଲା ଖାଦ୍ୟ ଓ ରନ୍ଧାଖାଦ୍ୟ ଯୋଗାଇ ଦେବାକୁ ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ ସମସ୍ତ ଭିଏଲଡବ୍ଲୁ ଓ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରସୁଲପୁର ଆରଡି ରାସ୍ତାରୁ କୁଦ ମୁସଲିମ ସାହି ରାସ୍ତା ବିଚ୍ଛିନ୍ନ ହୋଇଯାଇଛି। ନଟକାଇ ପଞ୍ଚାୟତର ଷଡଙ୍ଗୀ ସାହିର ୧୧ ପରିବାରଙ୍କ ଦୈନନ୍ଦିନ ରାସ୍ତା ନଷ୍ଟ ହୋଇଯାଇଛି। ଏନେଇ ସ୍ଥାନୀୟ ୱାର୍ଡମେମ୍ବର ତହସିଲଦାରଙ୍କୁ ଲିଖିତଭାବେ ଜଣାଇଛନ୍ତି। ଚଳିତ ବର୍ଷ ୧୨୭୯୦ ହେକ୍ଟର ଧାନଚାଷ କରାଯାଇଥିବା ବେଳେ ୨୦୨ ହେକ୍ଟର ଧାନ ବିଲ ପାଣିରେ ବୁଡି ରହିଛି। ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଅଶୋକ ଓଝା, ଯୁବ ବାହିନୀର ଉପଦେଷ୍ଟା ପତିତପାବନ ସ୍ୱାଇଁ ଓ ପୂର୍ବତନ ସମିତି ସଭ୍ୟ ପ୍ରମୋଦ ସ୍ୱାଇଁ ପ୍ରମୁଖ ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପ୍ରଦାନ କରିଛନ୍ତି। ରଘୁନାଥପୁରରେ ମଧ୍ୟ ସମାନ ଅବସ୍ଥା। ଏହି ବ୍ଲକ ତାରପୁର ପଞ୍ଚାୟତ ଗୋକୁଳପୁର ଗ୍ରାମ ହରିଜନ ସାହିର ୪୦ପରିବାର ପାଣିଘେର ଅଛନ୍ତି। ବହୁ ଲୋକଙ୍କୁ ସ୍ଥାନୀୟ ସାରଦା ନୋଡାଲ ହାଇସ୍କୁଲରେ ରଖାଯାଇଛି। ବିଡିଓ ପଞ୍ଚାନନ ପଟାୟତ, ତହସିଲଦାର ମାନସ କୁମାର ତ୍ରିପାଠୀ, ବ୍ଲକ ଉପାଧକ୍ଷ ଦେବାଶିଷ ତ୍ରିପାଠୀ ଓ ତହସିଲର ପଦାଧିକାରୀମାନେ ବିଭିନ୍ନ ଗ୍ରାମକୁ ଯାଇ ପାଣି ନିଷ୍କାସନର ବ୍ୟବସ୍ଥା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଖଣ୍ଡତରୀ ତଳପଡ଼ାରୁ ପାଣି ନିଷ୍କାସନ ସମସ୍ୟା ଯୋଗୁ ୧୦ଟି ପରିବାର ଜଳବନ୍ଦୀ ହୋଇଛନ୍ତି। ନେଉଳିଆ, ପିତାମ୍ବରପୁର ଓ ପୁରୁଣାବସନ୍ତ ବାଲଂଶା ସମେତ ଛପଡା ପଞ୍ଚାୟତ ଜଇପୁର ୩ ଓ ୭ନଂ ୱାର୍ଡ ବୁଣାକାର ସାହିରେ ପାଣି ପଶି ପାଖାପାଖି ୪୦ରୁ ଊର୍ଦ୍ଧ୍ୱ ପରିବାର ପାଣି ଘେରରେ ରହିଛନ୍ତି। ଅଢ଼େଇକୂଳ ପଞ୍ଚାୟତ ସାନକୋଇକର ବେହେରା ସାହି ଓ ବଡକୋଇକର ମହାନ୍ତି ସାହି, ମଠ ସାହି, ମଲ୍ଲିକ ସାହି, ତେଲି ସାହି ଓ ଖୋର୍ଦ୍ଧା ସାହିରେ ଲୋକେ ପାଣିଘେରରେ ଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଢ଼ଙ୍ଗ ପଞ୍ଚାୟତର ରାଢ଼ଙ୍ଗ ଏବଂ କଳିଙ୍ଗା ଗ୍ରାମ୍ୟ ରାସ୍ତା ଓ ଚାଷଜମି ଉପରେ ପାଣି ଜମି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପୁରଣଓଡପଡା, ଜଗନ୍ନାଥପୁର, ତରିକୁଳ, ଧରାଧରପୁର, ସାଦେଇପୁର, ଜଇଶୋଳ, ବରାଗଳ, ତଅଁରା ଓ ରେଢୁଆ ଆଦି ପଞ୍ଚାୟତର ବିଭିନ୍ନ ତଳି ଅଞ୍ଚଳରେ ଲୋକେ ଜଳବନ୍ଦିରେ ଅଛନ୍ତି। ମାହାଙ୍ଗା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଘର ଭାଙ୍ଗି ପଡିବାବେଳେ ଲୋକେ ପଲିଥିନ ତଳେ ମୁଣ୍ଡ ଗୁଞ୍ଜିଛନ୍ତି। ଗୋବରୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଚାହାପଡା ପଞ୍ଚାୟତର ବରଦିଆ ,ଗୋବିନ୍ଦପୁର, ଶ୍ରୀକୃଷ୍ଣପୁର ପଞ୍ଚାୟତର ପଶ୍ଚିଲୁଣ୍ଡା, ଜଳେଶ୍ୱରପୁର ପଞ୍ଚାୟତର କାହ୍ନପୁର, ଉଷୁମା ପଞ୍ଚାୟତର ଉଷୁମା, ରାହାଣିଆ ପଞ୍ଚାୟତର ରାହାଣିଆ, ଗୋକୁଳପୁର,ମୋଗଲପାଟଣା,ପାଇକରାପୁର,ହରିଭକ୍ତପୁର,ଲଳିତଗିରି, ଭେଡା, ମଉଦା, ପଣସପୁର, ଗୋପାଳପୁର, କୁରଜଙ୍ଗା, ବରାହିପୁର ଓ ହଳଦିଆ ଆଦି ପଞ୍ଚାୟତ ଜଳମଗ୍ନ ହୋଇଛି । ଲଳିତଗିରି ଗ୍ରାମରେ ପାନୀୟ ଜଳ ସମସ୍ୟା ସୃଷ୍ଟି ହୋଇଛି। ଗୋବରୀ ନଦୀରେ ବନ୍ୟାଜଳ ପ୍ରଭାବରେ ଚାହାପଡା ପଞ୍ଚାୟତ ଗୋବିନ୍ଦପୁର, ନୁର୍ତ୍ତାଙ୍ଗ ପଞ୍ଚାୟତ ନୁର୍ତ୍ତାଙ୍ଗଠାରେ ଘାଇ ସୃଷ୍ଟି ହେବାର ଆଶଙ୍କା ରହିଛି । ତହସିଲଦାର ଦିଲୀପ ମହାରଣାଙ୍କ ସୂଚନା ଅନୁସାରେ ମାହାଙ୍ଗାର ୧୬ ସର୍କଲରୁ ୧୧୦ କଚ୍ଚା ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ୧୧ ମାଟି ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସାଲେପୁର ବ୍ଲକର ୧୫ଟି ପଞ୍ଚାୟତ ପ୍ରଭାବିତ ହୋଇଛି। ୫୦ରୁ ଊର୍ଦ୍ଧ୍ୱ ପରିବାର ଜଳଘେରରେ ରହିଛନ୍ତି। ୧୦ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଚାଷଜମିରେ ପାଣି ଜମିରହିଛି। ବ୍ଲକର ଚନ୍ଦ୍ରାଦେଇପୁର, ବାଲିସାହି, ତେନ୍ତୋଳ, ତରିତୋ, ରଟିଲୋ, ସୁଦୁଖଣ୍ଡ, ପୁରୁଣାହାଟ, ରାମେଶ୍ୱର, ମାଳଶାସନ, ନରଦା, ମୁତାରିଫା, ବାରିଗୋଳ, ମିର୍ଜାପୁର, ଛାଣିପୁର,ନାନ୍ଦୋଳ ଆଦି ପଞ୍ଚାୟତ ପ୍ରଭାବିତ ହୋଇଥିବା ଭାରପ୍ରାପ୍ତ ତହସିଲଦାର ଶିବବ୍ରତ ଘୋଷ ସୂଚନା ଦେଇଛନ୍ତି। ତରିତୋ ପଞ୍ଚାୟତର ଝାଙ୍କେଡେଇ ଗଡ଼ାଠାରୁ କିଶୋର ନଗର ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ବେଲେସରିଆ ପୋଲ ନିକଟରେ ଘାଇ ସୃଷ୍ଟି ହୋଇଛି। ଫଳରେ ଗୋଠମିରା, ତରିତୋ, ପତିସାହି ଓ ମୁସ୍‌ଲିମ୍ ସାହି ଆଦିରେ ପାଣି ପଶିଯାଇଛି। ସାଲେପୁରର କଟକ-ଚାନ୍ଦବାଲି ରାସ୍ତାର ବିକେ. ଟକିଜ୍ ସମ୍ମୁଖ ରାସ୍ତା, ଚନ୍ଦ୍ରାଦେଇପୁର ସ୍କୁଲ୍ ନିକଟରୁ ଲୁଣାହାର ପୋଲ ରାସ୍ତା, ମାଛୁଆଡି ଗ୍ରାମ୍ୟ ଉନ୍ନୟନ ରାସ୍ତା ସମେତ ବହୁସ୍ଥାନରେ ପାଣି ଚାଲୁଛି। ମଧୁସ୍ମୃତି ମଣ୍ଡପ ପରିସର, ତହସିଲ୍ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଣି ଜମିରହିଛି। ବଡ଼ମ୍ବା ବ୍ଲକରେ ଗତ ୨ ଦିନ ମଧ୍ୟରେ ୧୦୩ ମିଲି ମିଟର ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି । ଗୁରୁବାର ଦିନତମାମ ବର୍ଷା ଲାଗି ରହିଛି । ବିଡିଓ ସଦାନନ୍ଦ ସେଠୀଙ୍କ ସୂଚନା ମୁତାବକ ସକାଳ ୮ଟା ପରଠୁ ଅପରାହ୍ନ ୫ଟା ମଧ୍ୟରେ ୪୩ ମିଲିମିଟର ବର୍ଷା ହୋଇଛି।



ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ପକ୍ଷରୁ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି।



ନେମାଳର ଜଣେ ବୃଦ୍ଧାଙ୍କ ଘର କାନ୍ଥ ଭୁଶୁଡି ପଡିଛି।



ନିଶ୍ଚିନ୍ତକୋଇଲି ଭୋଇସାହିରେ ଭାଙ୍ଗି ଯାଇଥିବା ଏକ ଘର।

## ସଂକ୍ଷେପରେ

### ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍

**ଖୁଣ୍ଟୁଣୀ, ୬।୯(ଡି.ଏନ୍.ଏ.):** ଚୌଦ୍ୱାରସ୍ଥିତ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଏଲ ଆଣ୍ଡ ଟି ଫାଇନାନ୍ସର କର୍ମଚାରୀ ଶ୍ରୀରାମ ପରିଡାଙ୍କଠାରୁ ଗୁରୁବାର ପୂର୍ବାହ୍ନରେ ୭୨,୬୦୦ ଟଙ୍କା ଲୁଟ୍ ହୋଇଥିବା ଗୁରୁଡିଝାଟିଆ ଥାନାରେ ଅଭିଯୋଗ ହୋଇଛି। କୁସପଙ୍ଗୀ ପଞ୍ଚାୟତର ଜେମାଦେଈପୁର ଗ୍ରାମଠାରୁ ଫାଇନାନ୍ସ ବାବଦ ଉକ୍ତ ଟଙ୍କା ନେଇ ଶ୍ରୀରାମ ବାଇକ୍‌ରେ ସାରକୋଳି ଗ୍ରାମକୁ ଯାଉଥିଲେ। ବାଟରେ ଏକ ଜଙ୍ଗଲିଆ ରାସ୍ତାରେ ନୀଳରଙ୍ଗର ପଲସର ବାଇକ୍‌ରେ ୩ ଜଣ ଯୁବକ ଠିଆ ହୋଇଥିବା ଦେଖି ଗାଡି ଅଟକାଇଥିଲେ। ପରେ ସମ୍ପୃକ୍ତ ଯୁବକମାନେ ତାଙ୍କ ବାଇକ୍‌ରୁ ଚାବି କାଢି ନେବା ସହ ମୋବାଇଲ ଫୋନ୍ ଓ ବ୍ୟାଗରେ ଥିବା ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ। ଏ ନେଇ ଶ୍ରୀରାମ ଗୁରୁଡିଝାଟିଆ ଥାନାରେ ଏତଲା ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏକ ମାମଲା(ନଂ.୮୪/୧୮) ରୁଜୁ କରିଛି। ତେବେ ଏହା ସମ୍ପୃକ୍ତ କର୍ମଚାରୀଙ୍କ ଚକ୍ରାନ୍ତ ନା ପ୍ରକୃତରେ ଲୁଟ୍ ହୋଇଛି ସେ ସମ୍ପର୍କରେ ଜାଣିବା ପାଇଁ ପୋଲିସ ଶ୍ରୀରାମଙ୍କୁ ଥାନାରେ ନେଇ ପଚରାଉଚରା ଚଳାଇଛି।

### ଅଚିହ୍ନା ମୃତଦେହ ଉଦ୍ଧାର

**କଟକ ଅଫିସ, ୬।୯:** ମଧୁପାଟଣା ଥାନା ଅନ୍ତର୍ଗତ ମଧୁପାଟଣା ଓଭର ବ୍ରିଜ୍ ଉପରୁ ଗୁରୁବାର ଜଣେ ବ୍ୟକ୍ତିଙ୍କର ମୃତଦେହ ଉଦ୍ଧାର କରାଯାଇଛି। ସେ ଓଭର ବ୍ରିଜ୍ ଉପରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ପରେ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ମିଳି ନ ଥିବା ବେଳେ ବୟସ ୪୦ରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ ସୂଚନା ଦେଇଛି। ସେ କଳା ରଙ୍ଗର ହାଫ୍ ପ୍ୟାଣ୍ଟ ପିନ୍ଧିଥିବାବେଳେ ତାଙ୍କ ଦେହର ବିଭିନ୍ନ ସ୍ଥାନରେ ଟାଟୁ ଚିହ୍ନ ରହିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ମଙ୍ଗଳାବାଗ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ରଙ୍ଗଲତା ନନ୍ଦଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



**କଟକ ଅଫିସ, ୬।୯:** ସାମାଜିକ କର୍ମୀ ରଙ୍ଗଲତା ନନ୍ଦଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ କଟକ ତୁଳସୀପୁରସ୍ଥିତ ତାଙ୍କ ବାସଭବନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଏ.ଏସ୍. ନାଇଡୁ, ପୋଲିସ କମିଶନର ସତ୍ୟଜିତ ମହାନ୍ତି, ଶିଶୁ ସାହିତ୍ୟିକ ନଦୀୟା ବିହାରୀ ମହାନ୍ତି, ପୁରୀ ଗୋବର୍ଦ୍ଧନ ପୀଠ ରାଷ୍ଟ୍ରୀୟ ସମ୍ପର୍କ ସଚିବ ମାତୃ ପ୍ରସାଦ ମିଶ୍ର, ପୁରୀ ଜିଲା ଜଜ୍ ଅମ୍ବୁଜ ମୋହନ ପଟ୍ଟନାୟକ, ଦୂରଦର୍ଶନର ପୂର୍ବତନ ଉପମହାନିର୍ଦ୍ଦେଶିକା ଜୟନ୍ତୀ ମଞ୍ଜରୀ ରଥ, ବାଗ୍ମୀ ରଜତ କୁମାର କର, ହାଇଦ୍ରାବାଦସ୍ଥିତ ଏପିଆଇଟିସିଓର ଅଧ୍ୟକ୍ଷ ବିଜୟ ବୋଷଙ୍କ ସମେତ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଶ୍ରୀକାନ୍ତ ନାୟକ ପ୍ରମୁଖ ଯୋଗଦେଇ ନନ୍ଦଙ୍କ ସ୍ମୃତିଚାରଣ କରିଥିଲେ।

### ଲଗାଣ ବର୍ଷା: ବ୍ୟାପକ ଫସଲ ଜଳମଗ୍ନ



**କଟକ ସଦର, ୬।୯(ଡି.ଏନ୍.ଏ.):** ଗତ ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁ କଟକ ସଦର ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷତି ଘଟିଛି। ଏଥିରେ ରଘୁନାଥପୁର ଗ୍ରାମର ସେକ୍ ମହମ୍ମଦ ରସିଦ୍‌ଙ୍କ ଘର ଭାଙ୍ଗି ଯିବାରୁ ଆସବାବପତ୍ର ନଷ୍ଟ ହୋଇଯାଇଛି। ବର୍ଷାଯୋଗୁ ନିମେଈଶାପୁର-ଆୟତପୁର ଗହୀରରେ ପାଣି ଜମି ରହିବାରୁ ଧାନ ଫସଲ ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ସେହିପରି କନ୍ଦରପୁର ନିକଟରେ ଥିବା ସାଇଫନରୁ ଠିକ୍ ଭାବେ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ପରମହଂସ ପଞ୍ଚାୟତର ରାଜହଂସ ଓ ପରମହଂସ ଗହୀରରେ ବର୍ଷା ପାଣି ଜମି ରହିଛି। କ୍ଷୟକ୍ଷତିର ଆକଳନ ପାଇଁ ରାଜସ୍ୱ ବିଭାଗ ଶୀଘ୍ର ସର୍ଭେ ଆରମ୍ଭ କରିବାକୁ ଆଇନଜୀବୀ ମହମ୍ମଦ ତାରିକ ହୁସେନ ଦାବି କରିଛନ୍ତି।

---

■ ୧୦ ଦିନ ପରେ ତ୍ରୈମାସିକ ପରୀକ୍ଷା

# ଅନୁସୂଚିତ ଜାତି, ଜନଜାତି ପିଲାଙ୍କୁ ମିଳିଲାନି ବହି

**କଟକ ଅଫିସ, ୬।୯**

■ବିନା ପାଠ୍ୟପୁସ୍ତକରେ ପରୀକ୍ଷା ଦେବେ ୧୨୭୭୩ ପିଲା

■ଗତବର୍ଷ ବି ସମାନ ଅବସ୍ଥା ଉପୁଜିଥିଲା

ଚଳିତ ଶିକ୍ଷାବର୍ଷକୁ ୪ ମାସ ବିତିଛି। ଆଉ ୧୦ ଦିନ ପରେ ଅର୍ଥାତ୍ ୧୭ ତାରିଖରୁ ଦଶମ ଶ୍ରେଣୀ ପିଲାଙ୍କ ତ୍ରୈମାସିକ ପରୀକ୍ଷା ଆରମ୍ଭ ହେବ। ହେଲେ କଟକ ଜିଲାରେ ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାଙ୍କୁ ଖଣ୍ଡିଏ ବି ମାଗଣା ବହି ମିଳିଲାନି। ଜିଲାରେ ଦୁଇଟି ଶ୍ରେଣୀରେ ପାଠ ପଢୁଥିବା ଏହି ପିଲାଙ୍କ ସଂଖ୍ୟା ୧୨ହଜାର ୭୭୩। ବିନା ପାଠ୍ୟପୁସ୍ତକରେ ଏମାନେ କିପରି ପରୀକ୍ଷା ଦେବେ ତାହାକୁ ନେଇ ଏବେ ଅଭିଭାବକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗତବର୍ଷ ମଧ ସମାନ ଅବସ୍ଥା ଉପୁଜିଥିଲା। ମାଟ୍ରିକ ପରୀକ୍ଷାର ଗୋଟିଏ ସପ୍ତାହ ପୂର୍ବରୁ ପିଲାଙ୍କ ପାଖରେ ସରକାରୀ ବହି ପହଞ୍ଚିଥିଲା। ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା କହିଛନ୍ତି ଯେ, ଆମକୁ ୬ ହଜାର ପାଖାପାଖି ବହି ଯୋଗାଇ ଦିଆଯାଇଛି। ଏହାକୁ ଆମେ ବିଭିନ୍ନ ସ୍କୁଲକୁ ପଠାଇବାର ବ୍ୟବସ୍ଥା କରୁଛୁ। ବହି ଯୋଗାଣ ଦାୟିତ୍ୱରେ ଥିବା ଜିଲା ବିଜ୍ଞାନ ପରିଦର୍ଶକ ରମାକାନ୍ତ ପ୍ରହରାଜ କୁହନ୍ତି, ବହି ସିନା ମିଳିଲେ ଆମେ ଯୋଗାଣ କରିବୁ। ଯେତିକି ବହି ଆସିଛି ତାହାକୁ ଆମେ ସ୍କୁଲମାନଙ୍କୁ ପଠାଇବାର ବନ୍ଦୋବସ୍ତ କରିଛୁ। କିନ୍ତୁ କେତେକ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ବ୍ୟବସ୍ଥାରେ ପରିଚାଳନାଗତ ତ୍ରୁଟି ଯୋଗୁ ପ୍ରତିବର୍ଷ ଏଭଳି ପରିସ୍ଥିତି ଉପୁଜୁଛି। ସରକାର ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ପାଇଁ ଯେଉଁସବୁ ଯୋଜନା କରୁଛନ୍ତି ତାହାର ସୁଫଳ ବାସ୍ତବରେ ସେମାନଙ୍କ ପାଖରେ ପହଞ୍ଚିପାରୁ ନାହିଁ। ଅନ୍ୟପକ୍ଷରେ ସରକାର ବହି ଯୋଗାଇବାରେ ହେଳା କରିବାରୁ ପିଲାମାନେ ବଜାରରେ ମିଳୁଥିବା କିବୁକ୍ (ସାଥୀ ପୁସ୍ତକ)ଗୁଡ଼ିକ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ଏହାଦ୍ୱାରା ସେମାନଙ୍କ ମେଧା ଶକ୍ତି ପ୍ରଭାବିତ ହେଉଛି। କିନ୍ତୁ ଅନେକ ଗରିବ ପିଲା ଏହାକୁ କିଣି ପାରୁନାହାନ୍ତି। ଆଉ କେତେଜଣ ପିଲା ଅନ୍ୟ ପିଲାଙ୍କ ବହିକୁ ଜେରକ୍ସ କରି ପାଠ ପଢୁଥିବା ଭଳି ଘଟଣା ନଜରକୁ ଆସିଛି। ସେହିପରି ବୋର୍ଡ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦିଲୀପ ବେହେରାଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଲେ, ଆମେ ଯେଉଁ ବହି ପାଇଥିଲୁ ସେ ସବୁକୁ ପିଲାଙ୍କ ମଧ୍ୟରେ ବାଣ୍ଟି ଦେଇଛୁ। ବାକି କେତେଜଣ ପିଲା ବହି ପାଇନାହାନ୍ତି ସେ ସମ୍ପର୍କରେ ଅନୁଧ୍ୟାନ କରିବା ପରେ କହିବି ବୋଲି ବେହେରା କହିଥିଲେ। ଏମିତି ଅନେକ ଅଭିଯୋଗର ବାସ୍ତବତା ଜାଣିବାକୁ ଆମ ପ୍ରତିନିଧି କଟକ ଖାନନଗର ହାଇସ୍କୁଲକୁ ଯାଇଥିଲେ। ସେଠାରେ ନବମ ଓ ଦଶମରେ ପାଠ ପଢୁଥିବା ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କୁ ବହି ମିଳି ନ ଥିବା ଜଣାପଡ଼ିଥିଲା।

ଶିକ୍ଷାର ଗୁଣବତ୍ତା ଓ ମାଟ୍ରିକ ପରୀକ୍ଷାଫଳ ଶତପ୍ରତିଶତ କରିବା ପାଇଁ ଲକ୍ଷ୍ୟ ରଖିଥିବାବେଳେ ପାଠ୍ୟପୁସ୍ତକ ଯୋଗାଣରେ ଗୁରୁତର ବିଭ୍ରାଟ ଏବେ ସରକାରଙ୍କୁ ବଦନାମ କରୁଛି। ଏ ସମ୍ପର୍କରେ ଶିକ୍ଷା ସଚେତନତା କ୍ଷେତ୍ରରେ କାମ କରୁଥିବା ନିର୍ମଳ ଚନ୍ଦ୍ର ବେହେରା କୁହନ୍ତି, ଗଣଶିକ୍ଷା ବିଭାଗ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପିଲାମାନଙ୍କୁ ବହି ଯୋଗାଇ ଦିଆଯିବା ଦରକାର। ନଚେତ୍ ସରକାରଙ୍କ ମାଗଣା ବହି ଯୋଗାଣ ବ୍ୟବସ୍ଥା ଏପରି ସବୁବେଳେ ବାଟବଣା ହେଉଥିବ।





କଟକ ସାରଳା ଭବନରେ ୨୬ତମ ଇଣ୍ଡିଆ ଥିଏଟର ଅଲିମ୍ପିୟାଡର ଗୁରୁବାର ସନ୍ଧ୍ୟାରେ ପରିବେଷିତ ନାଟକ 'ଅମର ବିଳାସ'ର ଏକ ଦୃଶ୍ୟ।

## ଏସ୍‌ସିବିରେ ୧୪୪ ଡେଙ୍ଗୁ ରୋଗୀ

**କଟକ ଅଫିସ, ୬।୯:** ଏସ୍‌ସିବିରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ମେଡିକାଲରେ ମୋଟ ୧୪୪ ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ୧୨ ଜଣଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଗୁରୁବାର ପରୀକ୍ଷା କରାଯାଇଥିବା ମୋଟ ୧୩୪ଟି ରକ୍ତ ନମୁନାରୁ ୩୫ଟିରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି।

## ପଣ୍ଡିତ ନୀଳକଣ୍ଠ ଦାସ ସ୍ମୃତି ସନ୍ଧ୍ୟା





ରଘୁନାଥଜୀଉ ମନ୍ଦିରଠାରେ ଅନୁଷ୍ଠିତ ସ୍ମୃତି ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥିବୃନ୍ଦ।

**କଟକ ଅଫିସ, ୬।୯**

କଟକ ଜିଲା ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ ପଣ୍ଡିତ ନୀଳକଣ୍ଠ ଦାସ ସ୍ମୃତି ସନ୍ଧ୍ୟା ତେଲେଙ୍ଗାବଜାରସ୍ଥ ରଘୁନାଥଜୀଉ ମନ୍ଦିରଠାରେ ଗୁରୁବାର ହୋଇଯାଇଛି। ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପିକା ବିଦ୍ୟୁତ୍ ଲାଲା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଆମ ରାଜ୍ୟ ପାଇଁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଅବଦାନ ଅତୁଳନୀୟ ବୋଲି ଅଶ୍ୱିନୀ କୁମାର ସେଠୀ କହିଥିଲେ। ଭୁବନାନନ୍ଦ ମହାନ୍ତି କହିଲେ, ନୀଳକଣ୍ଠଙ୍କ ସାହିତ୍ୟ ରଚନା ଓ ଜୀବନ ସଂଗ୍ରାମ ଆମମାନଙ୍କ ପାଇଁ ଅନୁକରଣୀୟ। ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ରାଜନୈତିକ ମୋଡ଼ ନେଲା ପୋଲିସ-ଆଇନଜୀବୀ ବିବାଦ

**କଟକ ଅଫିସ, ୬।୯**

■ଆଇନଜୀବୀଙ୍କ ପାଇଁ ଅଣ୍ଟା ଭିଡ଼ିଲା କଂଗ୍ରେସ

■ପୂର୍ବରୁ ରାସ୍ତାକୁ ଓହ୍ଲାଇଥିଲା ଭାଜପା

ମାଡ଼ ଘଟଣାକୁ ନେଇ କଟକରେ ଆଇନଜୀବୀ ଓ ପୋଲିସ ମଧ୍ୟରେ ଉପୁଜିଥିବା ବିବାଦ ଥମିବାରେ ନାଁ ଧରୁନି। ଏହି ଘଟଣାକୁ ନେଇ ଆଇନଜୀବୀମାନେ ୯ ଦିନ ହେବ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବାବେଳେ ଏହା କ୍ରମଶଃ ରାଜନୈତିକ ମୋଡ଼ ନେବାରେ ଲାଗିଛି। ଆଇନଜୀବୀଙ୍କ ଆନ୍ଦୋଳନକୁ ସମର୍ଥନ କରି ବୁଧବାର କଟକ ଜିଲା ଭାଜପା ରାସ୍ତାକୁ ଓହ୍ଲାଇଥିଲା। ଏବେ କଂଗ୍ରେସ ଆଇନଜୀବୀଙ୍କ ପାଇଁ ଅଣ୍ଟା ଭିଡିଲାଣି। ଶୀଘ୍ର ଆନ୍ଦୋଳନକୁ ଓହ୍ଲାଇ ପ୍ରତିବାଦ କରିବ ବୋଲି ଗୁରୁବାର କଟକ ନଗର କଂଗ୍ରେସ ଚେତାବନୀ ଦେଇଛି। ଏହାକୁ ନେଇ ନଗର କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ନଗର କଂଗ୍ରେସ ସଭାପତି ମହମ୍ମଦ ମୋକିମ କହିଥିଲେ, ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଆଇନଜୀବୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଏହାଦ୍ୱାରା ମାମଲା ପରିଚାଳନା ବିଳମ୍ବିତ ହେଉଥିବାରୁ ନ୍ୟାୟ ପ୍ରଭାବିତ ହୋଇଛି। ତେବେ ଦୁଃଖର କଥା ସରକାର ଏଯାଏ ମୁହଁ ଖୋଲୁନାହାନ୍ତି। ଏପରିକି ଆଇନଜୀବୀମାନଙ୍କ ଆନ୍ଦୋଳନ ଚାଲୁଥିବା ସମୟରେ ନିଜେ ଆଇନମନ୍ତ୍ରୀ କଟକ ଆସିଥିଲେ ମଧ୍ୟ ଏହି ବିଷୟରେ କୌଣସି ମନ୍ତବ୍ୟ ରଖିବାକୁ ମନା କରିଦେଇଥିଲେ। ସେହିପରି ସ୍ଥାନୀୟ ବିଧାୟକ ପଦୁଟିଏ ନ କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

ଅନ୍ୟପକ୍ଷରେ ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଆଇନଜୀବୀଙ୍କୁ ନିଜ ଦଳ ସପକ୍ଷରେ ନେବାକୁ ଭାଜପା ଭଳି କଂଗ୍ରେସ ମଧ ଏହାକୁ ଏକ ସୁଯୋଗ ବୋଲି ଧରି ନେଇଥିବା ଚର୍ଚ୍ଚା ହେଉଛି। ବରିଷ୍ଠ ଖବରଦାତା ଅରୁଣ ପଣ୍ଡା କହିଛନ୍ତି, ଆଇନଜୀବୀଙ୍କୁ ମାଡ଼ ଘଟଣାରେ ୩ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ଏଥିସହ କୋର୍ଟରେ ମାମଲା ମଧ୍ୟ ବିଚାରାଧୀନ ରହିଛି। ଏପରିସ୍ଥଳେ ରାଜ୍ୟର ଦୁଇ ବିରୋଧୀ ଦଳ ଆଇନଜୀବୀଙ୍କ ସମର୍ଥନରେ ବାହାରିବା ନିଶ୍ଚିତ ରାଜନୈତିକ ବାସ୍ନା ଆସୁଛି ବୋଲି ସେ କହିଛନ୍ତି। ସେହିଭଳି ଆଇନଜୀବୀ ଆନ୍ଦୋଳନକୁ ନେଇ ମଧ ଭିନ୍ନ ମତ ଉଠୁଛି। ଆଇନଜୀବୀମାନେ ଆଇନଗତ ଲଢ଼େଇ ନ କରି ପୂରା ନ୍ୟାୟ ବ୍ୟବସ୍ଥାକୁ ଅଚଳ କରିଦେବା ଠିକ୍ ହେଉନାହିଁ ବୋଲି ଅନେକ ମତ ରଖୁଛନ୍ତି। ବିଶେଷକରି ନ୍ୟାୟ ଅପେକ୍ଷାରେ ଥିବା ଲୋକଙ୍କ ମଧ୍ୟରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି।

ସୂଚନାଥାଉକି, ଗତ ୨୮ ତାରିଖରେ ଚାଉଳିଆଗଞ୍ଜ ଅଞ୍ଚଳରେ ହାଇକୋର୍ଟର ଜଣେ ଆଇନଜୀବୀଙ୍କୁ ପୋଲିସ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ପୋଲିସ-ଆଇନଜୀବୀ ମଧ୍ୟରେ ବିବାଦ ଜୋର୍ ଧରିଛି। ସ୍ଥାନୀୟ ଥାନାଧିକାରୀଙ୍କୁ ଗିରଫ ଓ ଡିସିପିଙ୍କ ବଦଳି ଦାବିକରି ଆଇନଜୀବୀ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି।

# ଅବହେଳାରୁ ରାଜ୍ୟରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି

**କଟକ ଅଫିସ, ୬।୯**

**ନଗର କଂଗ୍ରେସର ଅଭିଯୋଗ**

ରାଜ୍ୟରେ ପ୍ରଶାସନିକ ସ୍ତରରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ସରକାରୀ କର୍ମଚାରୀଙ୍କ ନୂଆ କ୍ୟାଡର ପୁନର୍ଗଠନ ଦାବିକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିଲେ ମଧ ତାହା ଏଯାବତ କାର୍ଯ୍ୟକାରୀ ହୋଇନାହିଁ। ଏହି କର୍ମଚାରୀଙ୍କ ସହିତ ରାଜ୍ୟ ସରକାର ତୁରନ୍ତ ଆଲୋଚନାକୁ ଆସି ସେମାନଙ୍କ ଦାବି ପ୍ରତି ସମ୍ବେଦନଶୀଳ ହୋଇ ତୁରନ୍ତ ପୂରଣ କରିବା ପାଇଁ କଟକ ନଗର (ଜିଲା) କଂଗ୍ରେସ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ସେହିଭଳି ଶିକ୍ଷକମାନଙ୍କର ଆନ୍ଦୋଳନ ଏବେ ଚରମ ପର୍ଯ୍ୟାୟରେ ପହଞ୍ଚିଲାଣି। ସ୍କୁଲରେ ପାଠପଢା ହେଉନାହିଁ। ଶିକ୍ଷକମାନେ ନିଜର ନ୍ୟାଯ୍ୟ ଦାବିକୁ ନେଇ ରାଜଧାନୀରେ ମାସାଧିକ କାଳ ଡେରା ପକାଇଛନ୍ତି। ସରକାରୀ ସ୍କୁଲଗୁଡିକରେ ତାଲା ଝୁଲୁଛି। ଏଭଳି ପରିସ୍ଥିତିରେ ସରକାର ଟାଳଟୁଳ ନୀତି ଆପଣାଇବା ଆଦୌ ଉଚିତ ନୁହେଁ ବରଂ ରାଜ୍ୟର ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କ ଦାବିଗୁଡିକୁ ପର୍ଯ୍ୟାୟକ୍ରମେ ଆଲୋଚନା ଭିତ୍ତିରେ ପୂରଣ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦଳ ଦାବି କରିଛି। ଅନ୍ୟପକ୍ଷରେ କଟକରେ ଓକିଲଙ୍କୁ ପୋଲିସର ମାଡ ଘଟଣାରେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ଗିରଫ ଦାବିକରି ରାଜ୍ୟରେ ଆଇନଜୀବୀଙ୍କ ପକ୍ଷରୁ ଚାଲିଥିବା ଆନ୍ଦୋଳନର ଅବସାନ କ୍ଷେତ୍ରରେ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରିବା ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ କହିଛି। ଆଇନଜୀବୀଙ୍କୁ ସର୍ବସମ୍ମୁଖରେ ପୋଲିସର ମାଡ ମାରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଓକିଲଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଯୋଗୁ ନିମ୍ନ ଅଦାଲତଠାରୁ ଆରମ୍ଭ କରି ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଆଇନ ସେବା ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଆଇନ ସେବା ସମ୍ପର୍କିତ ଆନୁଷଙ୍ଗିକ ଅଫିସ ଦପ୍ତରଗୁଡିକରେ ମଧ କାର୍ଯ୍ୟ ଠପ ହୋଇପଡିଛି। ଏତାଦୃଶ ଘଟଣାରେ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରି ଅମଲାତନ୍ତ୍ରର ଅଚଳାବସ୍ଥା, ଶିକ୍ଷକମାନଙ୍କ ସମସ୍ୟା ଓ ଆଇନଜୀବୀଙ୍କ ଦାବିର ଯଥାର୍ଥତାକୁ ଗ୍ରହଣ କରି ପଦକ୍ଷେପ ନେବାକୁ କଟକ ନଗର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନଗର କଂଗ୍ରେସ ସଭାପତି ଇଂ. ମହମ୍ମଦ ମୋକିମ କହିଛନ୍ତି।

# ପ୍ରସ୍ତୁତି ସତ୍ତ୍ୱେ ପଶିଲା ପାଣି

## ଲାଇଭ୍ ଭିଡିଓରେ କଟକର ସ୍ଥିତି ଦେଖାଇଲେ ଲୋକେ

**କଟକ ଅଫିସ, ୬।୯**

**ଟଳିଲା ଆଶଙ୍କା, ସିଏମ୍‌ସି ଆଶ୍ୱସ୍ତ**

■ବହୁ ଅଞ୍ଚଳ ଜଳମଗ୍ନ, ୧୫ ସାହିର ସ୍ଥିତି ଜଟିଳ

■ଅସହଯୋଗ କଲା ଜାଇକା, ଲଗାଇଲା ଗୋଟିଏ ପମ୍ପ୍

ବୁଧବାର ରାତିରୁ କଟକରେ ବର୍ଷା ଆରମ୍ଭ ହୋଇଥିଲା। ଗୁରୁବାର ସକାଳୁ ସହରର ବିଭିନ୍ନ ତଳିଆ ଅଞ୍ଚଳରେ ଦେଖିବାକୁ ମିଳିଥିଲା ଆଣ୍ଠୁଏ ଉଚ୍ଚର ପାଣି। ବହୁ ଅଞ୍ଚଳ ଜଳଘେରରେ ରହିଥିବାବେଳେ ଅନେକ ଲୋକଙ୍କ ଘରେ ପାଣି ପଶିଯାଇଥିଲା। ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ପରିସରରେ ବର୍ଷା ପାଣି ଲହଡ଼ି ମାରୁଥିଲା। ବସ୍‌ର ଅଧା ଚକ ପର୍ଯ୍ୟନ୍ତ ବୁଡ଼ି ଯାଇଥିଲା। ଏଭଳି ପରିସ୍ଥିତିରେ ସାଧାରଣ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହ ପ୍ରତିବାଦ ସ୍ୱରୂପ ଲାଇଭ୍ ଭିଡିଓ ଜରିଆରେ ସହରର ଚିତ୍ର କ'ଣ ତାହା ଅନ୍ୟମାନଙ୍କୁ ଜଣାଉଥିବା ଦେଖିବାକୁ ମିଳିଥିଲା। ତେବେ ଲଘୁଚାପ ବର୍ଷାଜନିତ ସ୍ଥିତିକୁ ନେଇ ପାଣିପାଗ ବିଭାଗ ଆଗୁଆ ସୂଚନା ଦେବା ପରେ ଲୋକଙ୍କ ଚିନ୍ତା ବଢ଼ିଥିଲା। କଟକ ମହାନଗର ନିଗମ ମଧ୍ୟ ମୁକାବିଲା ପାଇଁ ପ୍ରସ୍ତୁତ ହୋଇ ରହିଥିଲା। ଜଳ ନିଷ୍କାସନ ପାଇଁ ସିଏମ୍‌ସି ତରଫରୁ ସମୁଦାୟ ୨୨୮ଟି ପମ୍ପର ବ୍ୟବସ୍ଥା କରାଯାଇଥିବା ବେଳେ ଏଥିରେ ଅଗ୍ନିଶମ ବିଭାଗ ପକ୍ଷରୁ ୧୭ଟି ଏବଂ ଜାଇକା ପକ୍ଷରୁ ମାତ୍ର ଗୋଟିଏ ପମ୍ପ୍ କାର୍ଯ୍ୟରେ ଲଗାଯାଇଥିଲା। ପୁଣି ବର୍ଷା କମିଥିବା ସତ୍ତ୍ୱେ ଶହ ଶହ ପରିବାର ଜଳବନ୍ଦୀ ଜୀବନ ବିତାଇଥିଲେ। ତେବେ ବର୍ଷ ବର୍ଷ ଧରି ନର୍କ ଯନ୍ତ୍ରଣା ଦେଉଥିବା ଜାଇକା ଏଭଳି ସମୟରେ ଅସହଯୋଗ ମନୋଭାବ ପୋଷଣ କରିଥିଲା। ଜଳ ନିଷ୍କାସନ କ୍ଷେତ୍ରରେ ସେପରି ଆଖିଦୃଶିଆ ପଦକ୍ଷେପ ନେଇ ନ ଥିବା ଅଭିଯୋଗ ଆଣି ବହୁ ସ୍ଥାନରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଛୁଟିରେ ଥିବାରୁ ଜରୁରିକାଳୀନ ଅଧିକାରୀ ପ୍ରବୋଧ ରାଉତ ପରିସ୍ଥିତିକୁ ଦେଖି ସହରର ସମସ୍ତ ଶିକ୍ଷାନୁଷ୍ଠାନଗୁଡିକର ପାଠପଢ଼ା ବାତିଲ ଘୋଷଣା କରିଥିଲେ। ମିଳିଥିବା ସୂଚନାନୁସାରେ, ପଟ୍ଟାପୋଲର ଗୋଦାମଗଳି ଓ ବାରପଥର, ସୂତାହାଟର ନ୍ୟୁ କଲୋନୀ, ନୂଆସାହି, ରାଉସାପାଟଣା, ମେରିଆବଜାର, ଖଲାସିଲେନ୍, ଥୋରିଆସାହି, ରୋଭରଷ୍ଟ୍ରିଟ୍, ଗହ୍ମାଡିଆ, ମେହେନ୍ଦିପୀର, ପୀଠାପୁର, ମକରବା ସାହିରେ ଲୋକଙ୍କ ଘରେ ପାଣି ପଶିଯାଇଥିଲା। ସିଏମ୍‌ସି କମିଶନରଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ କମିଶନର ସୁମନ ବେହେରା କହିଛନ୍ତି ଯେ, ସିଏମସି ପକ୍ଷରୁ ଜଳ ନିଷ୍କାସନ ଠିକ୍ ଭାବେ ହୋଇଥିଲା। କୌଣସି ସ୍ଥାନରେ ସେପରି ପରିସ୍ଥିତି ଜଟିଳ ନାହିଁ ବୋଲି ସେ ସୂଚନା ଦେଇଛନ୍ତି। କିନ୍ତୁ ପରିସ୍ଥିତିକୁ ନେଇ ଏସ୍‌ୟୁସିଆଇ ପକ୍ଷରୁ ସିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯେଉଁ ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶିଛି ସେଠାରେ ରନ୍ଧାଖାଦ୍ୟ ଦେବାକୁ ଦାବି କରିଛି ଏହି ସଂଗଠନ। କର୍ପୋରେଟର ଗିରିବାଳା ବେହେରା କହିଛନ୍ତି, ଖରାଦିନେ ସହରର ବିଭିନ୍ନ ବଡ଼ ନାଳରୁ ପଙ୍କ ଉଦ୍ଧାର କାର୍ଯ୍ୟ ନ ସରିବାରୁ ଏବେ ବର୍ଷା ଜଳ ନିଷ୍କାସନରେ ସମସ୍ୟା ଉପୁଜୁଛି। ତେବେ ଲଘୁଚାପ ଅବପାତ ରୂପ ନେଇଥିବାରୁ ସଂକଟ ଟଳି ଯାଇଛି। ଉପୁଜିଥିବା ଜଳାର୍ଣ୍ଣବ ସ୍ଥିତି କ୍ରମଶଃ ସୁଧୁରୁଥିବାରୁ ସିଏମ୍‌ସି ଆଶ୍ୱସ୍ତ ହୋଇଛି।



ଲଗାଣ ବର୍ଷା ଯୋଗୁ କଟକ ଅନ୍ନପୂର୍ଣ୍ଣା ଲେନସ୍ଥିତ ସେସୁ ଅଫିସରେ ପାଣି ପଶିଯାଇଛି।



ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ କଟକ ମକରବା ସାହି ରାସ୍ତାରେ ଜମି ରହିଥିବା ପାଣି।

## କୋଟିପତି ତହସିଲ କିରାଣି

### ୩ ସ୍ଥାନରେ ଭିଜିଲାନ୍ସ ଯାଞ୍ଚ

**କଟକ ଅଫିସ, ୬।୯:** କନ୍ଧମାଳ ଜିଲା ଜି.ଉଦୟଗିରି ତହସିଲ ଅଫିସ୍‌ରେ କାର୍ଯ୍ୟରତ ବରିଷ୍ଠ କିରାଣି ସୁଶୀଲ କୁମାର ସେନାପତିଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧ କୋଟି ୨୦ ଲକ୍ଷ ୫୦ହଜାର ୫୦୦ ଟଙ୍କା। ଭିଜିଲାନ୍ସ ଯାଞ୍ଚରୁ ଏହା ଜଣାପଡିଛି। ସେନାପତିଙ୍କ ନାମରେ ପୂର୍ବରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଜାରି ତଲାସି ୱାରେଣ୍ଟ ବଳରେ ଗୁରୁବାର ଭିଜିଲାନ୍ସ ପକ୍ଷରୁ ସେନାପତିଙ୍କ ଘର, ଅଫିସ ସମେତ ୩ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସ୍ଥାନଗୁଡ଼ିକ ହେଉଛି ଫୁଲବାଣୀ ଡିଆରଡିଏ ସ୍କୋୟାର ପରିସରରେ ଥିବା ସରକାରୀ କ୍ୱାର୍ଟର, ଜି.ଉଦୟଗିରି ତହସିଲ ଅଫିସ ଓ ଫୁଲବାଣୀଠାରେ ଥିବା ଦୁଇଟି ଆବାସିକ ଘର। ତିନି ମହଲା ବିଶିଷ୍ଟ ଏହି ଦୁଇ ଆବାସିକ କୋଠାର ମୂଲ୍ୟ ୧ କୋଟି ୭ ଲକ୍ଷ ୫୮ହଜାର ୨୫୦ ଟଙ୍କା ହେବ ବୋଲି ଭିଜିଲାନ୍ସ ଆକଳନ କରିଛି। ଫୁଲବାଣୀ ସହରରେ ଥିବା ୪ଟି ପ୍ଲଟର ମୂଲ୍ୟ ୪ ଲକ୍ଷ ୬୧ ହଜାର ହୋଇଥିବା ବେଳେ ବିଭିନ୍ନ ବ୍ୟାଙ୍କରେ ୩ ଲକ୍ଷ ଟଙ୍କା ଜମା ରହିଛି। ସେହିପରି ସେନାପତିଙ୍କ ଘରୁ ୨ ଲକ୍ଷ ୯୯ହଜାର ୫୦୦ ଟଙ୍କା ମୂଲ୍ୟର ଆସବାବପତ୍ର, ନଗଦ ୧ ଲକ୍ଷ ୨୬ହଜାର ଟଙ୍କା, ୬୪ହଜାର ୭୫୦ ଟଙ୍କା ମୂଲ୍ୟର ଗହଣା ଓ ୪୧ହଜାର ଟଙ୍କା ମୂଲ୍ୟର ଏକ ମୋଟରସାଇକେଲ ଭିଜିଲାନ୍ସ ଠାବ କରିଛି। ଠାବ ସମସ୍ତ ସମ୍ପତ୍ତି ସେନାପତି ଓ ତାଙ୍କ ପରିବାରବର୍ଗଙ୍କ ନାମରେ ଥିବା ଭିଜିଲାନ୍ସ ସୂଚନା ଦେଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୭ ସେପ୍ଟେମ୍ବର,୨୦୧୮



ତୁମର କର୍ତ୍ତବ୍ୟ ଅସୀମ, କିନ୍ତୁ ତୁମ ହାତରେ ଥିବା ସମୟ ସୀମିତ। ତେଣୁ ଗୋଟିଏ ସୁଦ୍ଧା ମୁହୂର୍ତ୍ତ ନଷ୍ଟ କରନାହିଁ।
- ସେନେକା



## ସଂକ୍ଷେପରେ

### କାର୍ ଧକ୍କାରେ ସାଇକେଲ ଆରୋହୀ ମୃତ

ବାଲୁଗାଁ,୬।୯ (ଡି.ଏନ୍.ଏ.)- ବାଲୁଗାଁ ଥାନା ନୂଆଗଡ଼ ଓଭରବ୍ରିଜ୍ ବାଇପାସ୍ ରାସ୍ତାରେ ଗୁରୁବାର ଅପରାହ୍ନରେ ଏକ କାର ସହ ସାଇକେଲ ଧକ୍କା ହେବା ଫଳରେ ସାଇକେଲ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେ ହେଲେ ନାଭାଲ ଫାଣ୍ଡି ଅନ୍ତର୍ଗତ ବ୍ରଜରାଜପୁର ଗ୍ରାମର ଅଭି ପଲେଇ (୫୫)। ଅଭି ଦୈନନ୍ଦିନ ଭଳି ସାଇକେଲ ଯୋଗେ ବାଲୁଗାଁରୁ ନିଜ ଗ୍ରାମକୁ ଫେରୁଥିବା ସମୟରେ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଅଭିଙ୍କ ମୃତ୍ୟୁ ଘଟିଥିବାବେଳେ କାରଟି ଭାରସାମ୍ୟ ହରାଇ ବିଲ ମଧ୍ୟରେ ପଶି ଯାଇଥିଲା। ପୋଲିସ୍ ୧୦୫/୧୮ରେ ଏକ ମାମଲା ରୁଜୁ କରି କାର ଡ୍ରାଇଭରଙ୍କୁ ଗିରଫ କରିଥିବା ଜଣାଯାଇଛି।

### ବିଜୁ ଯୁବବାହିନୀର ଖୋଲା ଶୌଚମୁକ୍ତ ଅଭିଯାନ

ବାଲୁଗାଁ,୬।୯ (ଡି.ଏନ୍.ଏ.)- ଚିଲିକା ବ୍ଲକ୍ ସିଙ୍ଗେଶ୍ୱର ଗ୍ରାମପଞ୍ଚାୟତରେ ବିଜୁ ଯୁବବାହିନୀ ପକ୍ଷରୁ ଖୋଲା ଶୌଚମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଜୁ ଯୁବବାହିନୀର ସଦସ୍ୟମାନେ ଏକ ବିଶାଳ ଶୋଭାଯାତ୍ରାରେ କୋଦପୁର, ଲମ୍ବୋଦରପୁର, ମଠପୁର, ଘିଅଖଲା ଆଦି ଗ୍ରାମ ବୁଲି ରାସ୍ତାକଡ଼ରେ ମଳତ୍ୟାଗ ନ କରିବା, ଘରେ ଶୌଚାଳୟ ନିର୍ମାଣ କରିବା, ରାସ୍ତାଘାଟ ପରିଷ୍କାର ରଖିବା ସମ୍ପର୍କରେ ସଚେତନତା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ସଂଯୋଜକ ସ୍ନେହଲତା ଭୋଳ, ଯୁବବାହିନୀ ସଭାପତି ରାଜେନ୍ଦ୍ର ପ୍ରଧାନ, ସମ୍ପାଦକ ସୀତାକାନ୍ତ ସେଣ, କୋଷାଧ୍ୟକ୍ଷ କବିତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

### ବର୍ଷାରେ ଭୁଶୁଡିଲା ଘର କାନ୍ଥ

କୃଷ୍ଣପ୍ରସାଦ,୬।୯(ଡି.ଏନ.ଏ.)-କୃଷ୍ଣପ୍ରସାଦ ବ୍ଲକରେ ଲଘୁଚାପଜନିତ ଲଗାଣ ବର୍ଷା ଏବେ ଗରିବ ଲୋକଙ୍କ ଦୁଃଖର କାରଣ ପାଲଟିଛି। ବଡଅଁଳ ପଞ୍ଚାୟତ ଜାଗିରିକୁଦା ଗ୍ରାମର ବିଦେଶୀ କୁମାର ଗୌଡଙ୍କ ମାଟି ଘରର କାନ୍ଥ ବର୍ଷାରେ ଭୁଶୁଡ଼ି ପଡ଼ିଛି। ବିଦେଶୀ ଏହି ବିପଦପୂର୍ଣ୍ଣ ମାଟି ଘରେ ଜାଲ ମଶାରୀ ବେଢ଼ାଇ ସପରିବାର ରହୁଛନ୍ତି। ସେ କହିଛନ୍ତି ଯେ, ସରକାର ଘର ତୋଳିବା ପାଇଁ ତାଙ୍କୁ ୨୦୦୩ରେ ୫ହଜାର ଟଙ୍କା ଦେଇଥିଲେ। ସେହି ଟଙ୍କାରେ ସେ ଘରର ମୂଳଦୂଆ ପକାଇଥିଲେ। ଏହାପରେ ଆଉ ଟଙ୍କା ନ ମିଳିବାରୁ ଘରକାମ ସେତିକିରେ ଅଟକି ଯାଇଛି। ଏହି ଗରିବ ପରିବାରଟିକୁ ଇନ୍ଦିରାଆବାସ ଯୋଜନାରେ ତୁରନ୍ତ ଗୃହନିର୍ମାଣ ନିମନ୍ତେ ସହାୟତା ମିଳୁ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଶିକ୍ଷକ ସମ୍ବର୍ଦ୍ଧିତ

ଖୋର୍ଦ୍ଧା ଅଫିସ,୬।୯: ଗୁରୁ ଦିବସ ଅବସରରେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ଗୋପାଳ ଚନ୍ଦ୍ର ତ୍ରିପାଠୀଙ୍କୁ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ସମ୍ବର୍ଦ୍ଧିତ କରିଛନ୍ତି। ରାଜ୍ୟ ଓ ଜିଲାର ବିଭିନ୍ନ ଶିକ୍ଷକ ତାଲିମ ଶିବିରରେ ଶ୍ରେଷ୍ଠତା ପ୍ରତିପାଦନ ଉଦ୍ଦେଶ୍ୟରେ ଭୁବନେଶ୍ୱର ଇଡକଲ ଭବନରେ ବୁଧବାର ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ୨୪ତମ ଗୁରୁପୂଜନ ଉତ୍ସବରେ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷକ ତ୍ରିପାଠୀ ବର୍ତ୍ତମାନ ଟାଙ୍ଗୀ ବ୍ଲକ ଗୟାବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି।

■ ସ୍ପଷ୍ଟକଲା ସୂଚନା ଅଧିକାର ତଥ୍ୟ

# ନୂଆ ସବ୍‌ଡିଭିଜନ ଗଠନର କୌଣସି ପ୍ରସ୍ତାବ ନାହିଁ

**ଖୋର୍ଦ୍ଧା ଅଫିସ, ୬।୯**

ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସୂଚନା ଅଧିକାର ତଥ୍ୟ ମିଳିବା ପରେ ନୂଆ ରାଜସ୍ୱ ଉପଖଣ୍ଡ(ସବ୍‌ଡିଭିଜନ) ଗଠନର ପ୍ରସ୍ତାବ ଶୀତଳ ଭଣ୍ଡାରକୁ ଯାଇଥିବା ଜଣାପଡିଛି। ଖବର ଜଣାପଡିବା ପରେ ସାଧାରଣରେ ନୈରାଶଭାବ ସୃଷ୍ଟି ହୋଇଛି। ପ୍ରଶାସନକୁ ଲୋକାଭିମୁଖୀ ସହ ସାଧାରଣ ଲୋକଙ୍କ ବିକାଶଧାରାକୁ ତ୍ୱରାନିତ୍ୱ କରିବା ଲକ୍ଷ୍ୟ ନେଇ ବଡ ସବଡିଭିଜନକୁ ଭାଗ କରି ନୂଆ ସବଡିଭିଜନ ଗଠନ କରାଯିବାକୁ ସରକାରଙ୍କ ପ୍ରସ୍ତାବ ରହିଥିଲା। ରାଜ୍ୟରେ ଥିବା ୫୮ଟି ସବଡିଭିଜନକୁ ଭାଗ କରି ୭୪କୁ ବଢ଼ାଇବା ପାଇଁ ବିଭାଗୀୟ ଷ୍ଟାଣ୍ଡିଂ କମିଟି ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଥିଲା। ଏହା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ସବ୍‌ଡିଭିଜନ ଗଠନର ଦାବି ତ୍ୱରାନ୍ୱିତ ହୋଇଥିଲା। ଆନ୍ଦୋଳନ ମାଧ୍ୟମରେ ବିଭିନ୍ନ ସ୍ଥାନରେ ସବଡିଭିଜନ ଗଠନ କରିବାକୁ ଦାବି ଜୋର ଧରିଥିଲା। ତେବେ ନୂତନ ସବ୍‌ଡିଭିଜନ ଗଠନର ପ୍ରସ୍ତାବର ମାନଦଣ୍ଡ କଣ, ସବ୍‌ଡିଭିଜନ ପୁର୍ନଗଠନ କମିଟିରେ କିଏ କିଏ ସଭ୍ୟ ରହିଛନ୍ତି ସେ ନେଇ ସୂଚନା ମଗାଯାଇଥିଲା। ବାଣପୁର ତେନ୍ତୁଳିଡିହ ଗାଁର ମଦନ ମୋହନ ମହାପାତ୍ରଙ୍କୁ ଦିଆଯାଇଥିବା ଉତ୍ତରରେ ଏବେ ସରକାରଙ୍କର ନୂଆ ସବ୍‌ଡିଭଜନ ଗଠନ କରିବାର ପ୍ରସ୍ତାବ ନାହିଁ ବୋଲି ଉତ୍ତର ମିଳିଛି।

**ଫସର ଫାଟିଲା ଆନ୍ଦୋଳନ**

ବାଣପୁରରେ ସବ୍ ଡିଭିଜନ ପ୍ରତିଷ୍ଠା ଦାବିରେ ଗତ ଜୁନ ୧୨ରେ ହୋଇଥିବା ଆନ୍ଦୋଳନ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସୂଚନା ଫସର ଫଟାଇ ଦେଇଛି। ବାଣପୁର ପଲଟଣ ପଡ଼ିଆରେ ପ୍ରାୟ ୨୦ ହଜାର ଲୋକ ମେଳି ବାନ୍ଧି ବାଣପୁର, ବାଲୁଗାଁ ଓ ଚିଲିକା ମିଳିତ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରା ସଫଳ ହୋଇଥିଲା। ପୂର୍ବାହ୍ନ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଏହାର ପ୍ରଭାବରେ ବାଣପୁର, ବାଲୁଗାଁ, ଚିଲିକା ଅଞ୍ଚଳର ସମସ୍ତ ଦୋକାନବଜାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଏବଂ ବ୍ୟାଙ୍କ ଆଦି ବନ୍ଦ ରହିଥିଲା। ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିଙ୍କ ନେତୃତ୍ୱରେ ଲୋକମାନେ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଭାଗ ନେଇଥିଲେ। ଏଥିରେ ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦେବା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ବକ୍ତାମାନେ ସମାଲୋଚନା କରିଥିଲେ। ଦାବିକୁ ଅଣଦେଖା କରାଗଲେ ଆଗାମୀ ଦିନରେ ଆନ୍ଦୋଳନ ଯୋରଦାର ହେବ ବୋଲି ଚେତାବନୀ ଦେଇଥିଲେ। ଦାବି ପୂରଣ ନ ହେବାରୁ ବାଣପୁର, ବାଲୁଗାଁ ଓ ଚିଲିକା ମିଳିତ କ୍ରୀୟାନୁଷ୍ଠାନ କମିଟି ନିରାଶ ହୋଇଛନ୍ତି।

**ଆଶଙ୍କା ଭିତରେ ଆନ୍ଦୋଳନର ରୂପରେଖ**

ବାଣପୁର ଓ ଟାଙ୍ଗୀଠାରେ ସବ୍ ଡିଭିଜନ ପ୍ରତିଷ୍ଠା କରାଯାଉ ବୋଲି ଦାବି ରହିଥିଲା। ତେବେ ବାଣପୁରରେ ସବ୍‌ଡିଭିଜିନ ପ୍ରତିଷ୍ଠା ଦାବି ଜୋର ଧରିଥିଲା। ଚିଲିକାରେ ସବ୍‌ଡିଭିଜନ ପ୍ରତିଷ୍ଠା ହେବ ବୋଲି ସରକାରୀସ୍ତରରୁ ଜଣା ପଡିଥିଲା। ଏପରିକି ପ୍ରସ୍ତାବିତ ୧୪ଟି ସବ୍‌ଡିଭିଜନ ତାଲିକାରେ ଚିଲିକାର ନାଁ ରହିଥିଲା। ତେବେ କେଉଁଥିପାଇଁ ସବ୍‌ଡିଭିଜନର ଦାବିକୁ ଅଣଦେଖା କରାଗଲା ତାର କାରଣ ଜଣାପଡିନାହିଁ। କିନ୍ତୁ ଏଠାରେ ହୋଇଥିବା ଆନ୍ଦୋଳନରେ ସ୍ଥାନୀୟ ବିଧାୟକ ଯୋଗ ଦେଇ ନ ଥିଲେ। ତେବେ ଆନ୍ଦୋଳନର ରୂପରେଖ କ'ଣ ହେବ ତାହା ସମୟ ହିଁ କହିବ।



ଜ୍ଞାନ ବିଜ୍ଞାନମେଳାରେ ବିଚାରକମାନେ ପ୍ରକଳ୍ପକୁ ବୁଲି ଦେଖୁଛନ୍ତି।

# ଜ୍ଞାନ ବିଜ୍ଞାନମେଳାରେ ୩୧ ପ୍ରକଳ୍ପ ପ୍ରଦର୍ଶିତ

**ବେଗୁନିଆ,୬।୯(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ପୋଡାଡିହସ୍ଥିତ ଭାରତୀୟ ବିଦ୍ୟା ନିକେତନ ପରିସରରେ ଗୁରୁବାର ଜ୍ଞାନ ବିଜ୍ଞାନମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ୩୧ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଏଥିରେ ୩୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଚାଷ କାର୍ଯ୍ୟରେ ପରମ୍ପରାଗତ ପ୍ରୟୋଗ, ପର୍ଯ୍ୟାବରଣ ସଂରକ୍ଷଣ, ଘର୍ଷଣ, ବାୟୁ, ଗଛର ଉପକାରିତା ଓ ବନ ସଂରକ୍ଷଣ ପର୍ଯ୍ୟବେସିତ ନମୁନା, ଜଳ ସଂଶୋଧନ ପ୍ରଣାଳୀ, ପ୍ରାଥମିକ ଚିକିତ୍ସା, ମାନବ ଜୀବନରେ ସରଳ ଯନ୍ତ୍ରର ଉପଯୋଗିତା ଓ ନୂତନ ପ୍ରୟୋଗ ଉପରେ ଆଧାରିତ ପ୍ରକଳ୍ପକୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଅଭିଭାବକ ଓ ଛାତ୍ରୀଛାତ୍ରମାନେ ବୁଲି ଦେଖିଥିଲେ। ଏଥିରେ ଜନତା ନୋଡାଲ ବିଦ୍ୟାପୀଠର ପ୍ରଧାନଶିକ୍ଷକ ବସନ୍ତ କୁମାର ପାତ୍ର, ବେଗୁନିଆ ପଞ୍ଚାୟତ ସମିତି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅଖିଳେଶ ମହାପାତ୍ର ଓ ଶିକ୍ଷକ ପ୍ରମୋଦ କୁମାର ସାହୁ ବିଚାରକ ଭାବେ ଉପସ୍ଥିତ ରହି ମୂଲ୍ୟାଙ୍କନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ସୁଷମା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମେଳାକୁ ଗୁରୁମା ସୁକାନ୍ତି ଜେନା, ଗୁରୁଜୀ ପ୍ରଭାକର ବିଶ୍ୱାଳ ଏବଂ ସମ୍ପାଦକ ଶୁଭକାନ୍ତ ମହାପାତ୍ର ପରିଚାଳନା କରିଥିଲେ।

■ ବିଧାନସଭାରେ ଦାବି ଉପସ୍ଥାପନ ପାଇଁ ଚାପ

# ବିଧାୟକଙ୍କ ଘର ଘେରାଉ କଲେ ଶିକ୍ଷକ, ଅଧ୍ୟାପକ

**ଖୋର୍ଦ୍ଧା ଅଫିସ,୬।୯:**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ ଅଧ୍ୟାପକ ମିଳିତ ମଞ୍ଚ ପକ୍ଷରୁ ଶିକ୍ଷକ ଅଧ୍ୟାପକମାନେ ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ ଦାବିରେ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ବିଧାନସଭାରେ ଦାବି ଉପସ୍ଥାପନ ଉଦ୍ଦେଶ୍ୟରେ ଗୁରୁବାର ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁଙ୍କୁ ଖୋର୍ଦ୍ଧା ବାସଭବନରେ ଘେରାଉ କରି ରଖିଥିଲେ। ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ସହ ଆଲୋଚନା, ବିଧାନସଭାରେ ଦାବି ଉପସ୍ଥାପନର ପ୍ରତିଶ୍ରୁତି ପରେ ବିଧାୟକଙ୍କୁ ୩ଘଣ୍ଟା ପରେ ଶିକ୍ଷକ ଓ ଅଧ୍ୟାପକମାନେ ଛାଡିଥିଲେ। ପରେ ମିଳିତ ମଞ୍ଚର ଜିଲା ଆବାହକ ସୁଧାକର ମହାପାତ୍ର ସଂଘର ଦାବିପତ୍ର ବିଧାୟକଙ୍କୁ ପ୍ରଦାନ କରିବା ସହ ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ବିଧାୟକଙ୍କୁ ଅବଗତ କରିଥିଲେ। ଶିକ୍ଷକ ନେତା ପ୍ରତାପ ଚନ୍ଦ୍ର ଦୀକ୍ଷିତ, ପ୍ରକାଶ ଚନ୍ଦ୍ର ପଲ୍ଲେଇ, ରମେଶ ଚନ୍ଦ୍ର ପ୍ରଧାନ, ଆଲାମ ଖାନ, ନରହରି ନନ୍ଦ ପ୍ରମୁଖ ଏହି ଘେରାଉର ନେତୃତ୍ୱ ନେଇଥିଲେ। ଏହି ଦାବି ପୂରଣ ପାଇଁ ଶିକ୍ଷକ ଓ ଅଧ୍ୟାପକମାନେ ୪ବର୍ଷ ଧରି ଆନ୍ଦୋଳନ ଚଳାଇ ଆସୁଛନ୍ତି। ଗତ ୧୬ ତାରିଖରୁ ଆନ୍ଦୋଳନ ଭୁବନେଶ୍ୱରଠାରେ ଏଯାବତ ୨୨ ଦିନ ଧରି ଚାଲୁ ରହିଛି। ଏ ନେଇ ବୁଧବାର ଗୁରୁ ଦିବସକୁ ଶିକ୍ଷକମାନେ କଳା ଦିବସ ରୂପେ ପାଳନ କରିଥିଲେ।



ବିଧାୟକଙ୍କ ଘର ଘେରାଉ କରିଥିବା ଶିକ୍ଷକ ଓ ଅଧ୍ୟାପକମାନେ।

### ମହିଳାଙ୍କୁ ବ୍ଲାକମେଲ୍, ତାନ୍ତ୍ରିକ ଗିରଫ

**ବାଲୁଗାଁ, ୬।୯ (ଡି.ଏନ.ଏ.)**

ବାଣପୁର ଅଞ୍ଚଳର ଜଣେ ମହିଳାଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ କରିବାକୁ ଧମକ ଦେବା ଅଭିଯୋଗରେ ପୋଲିସ ଗୁରୁବାର ସମ୍ପୃକ୍ତ ତାନ୍ତ୍ରିକଙ୍କୁ ଗିରଫ କରିଛି । ସେ ହେଲେ ବାଣପୁର ଥାନା ଅଞ୍ଚଳର ସାଇ ରାଓ (୩୦)। ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୧୧/୧୮)ରୁଜୁ କରି ତଦନ୍ତ ଚଳାଇଛି। ବାଣପୁର ଅଞ୍ଚଳର ଜଣେ ମହିଳା ଶ୍ରାବଣ ମାସରେ ଜଳାଭିଷେକ ପାଇଁ ଯାଇଥିବା ବେଳେ ରାସ୍ତାରେ ତାଙ୍କର ସାଇଙ୍କ ସହ ସାକ୍ଷାତ ହୋଇଥିଲା । ସାଇ ମହିଳାଙ୍କୁ ଜଣେ ତାନ୍ତ୍ରିକ ଭାବେ ପରିଚୟ ଦେଇ ତନ୍ତ୍ର ବଳରେ ବିଭିନ୍ନ ଦୁଃସାଧ୍ୟ ରୋଗ ଭଲ କରି ପାରୁଥିବା ପ୍ରକାଶ କରି ମହିଳାଙ୍କ ସହ ସମ୍ପର୍କ ରଖିଥିଲେ। ଘରେ ମହିଳା ଏକାକି ରହୁଥିବା ସୁଯୋଗ ନେଇ ସାଇ ତାଙ୍କ ଘରକୁ ଯାଇ ପରିବାରର ଉନ୍ନତି ପାଇଁ ପୂଜା କରିବା ସହ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଘଟଣା ପ୍ରଘଟ ହେବାରୁ କେତେଜଣ ଗ୍ରାମବାସୀ ପଚରାଉଚରା କରିବାରୁ ସାଇ ଗ୍ରାମବାସୀଙ୍କ ନିକଟରେ ଦୋଷ ସ୍ୱୀକାର କରିଥିଲେ। ପରେ ସାଇ ମହିଳାଙ୍କୁ ବିଭିନ୍ନ ସମୟରେ ଧମକ ଦେବା ଶହ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଇଥିଲେ। ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ଉଭୟଙ୍କ ଡାକ୍ତରୀମାଇନା କରାଇ ସାଇଙ୍କୁ ଗିରଫ କରିଥିଲା।

# ପରକୀୟା ପ୍ରୀତିରୁ ଯୁବକଙ୍କୁ ହତ୍ୟା

**ଟାଙ୍ଗୀ(ଖୋର୍ଦ୍ଧା), ୬।୯ (ଡି.ଏନ.ଏ.)**

**୨ ଦିନ ପରେ ମୃତଦେହ ଠାବ**

ପରକୀୟା ପ୍ରୀତିର ପରିଣାମ କେତେ ଯେ ଭୟଙ୍କର ତାହା ଦେଖିବାକୁ ମିଳିଛି ଟାଙ୍ଗୀ ଥାନା ଅନ୍ତର୍ଗତ ରାଜେନ୍ଦ୍ରପୁର ଗ୍ରାମରେ। ଏଥିଯୋଗୁ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଅନିଲ ସେଠୀଙ୍କ ପୁଅ ବିଶ୍ୱରଞ୍ଜନ(୨୩) ସ୍ଥାନୀୟ ଜଣେ ବ୍ୟକ୍ତିଙ୍କ ପୁଅକୁ ଟ୍ୟୁଶନ କରନ୍ତି। ଇତିମଧ୍ୟରେ ଉକ୍ତ ବ୍ୟକ୍ତିଙ୍କ ସ୍ତ୍ରୀଙ୍କ ସହିତ ଟ୍ୟୁଶନ ସାର୍‌ଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ବର୍ଷକ ତଳେ ଏ ଘଟଣା ଜଣାପଡ଼ିବା ପରେ ଦୁଇ ପରିବାରଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ବୁଧବାର ଏହି ପ୍ରେମୀ ଯୁଗଳ ଗାଁ ପୋଖରୀ ତୁଠରେ ଏକାଠି ବସିଥିବା ନେଇ କେତେଜଣ ଲୋକ ମହିଳାଙ୍କ ସ୍ୱାମୀଙ୍କୁ ଖବର ଦେଇଥିଲେ। ଏହାପରେ ତାଙ୍କ ପରିବାର ଲୋକେ ସେଠାରେ ପହଞ୍ଚି ବିଶ୍ୱରଞ୍ଜନଙ୍କୁ ହତ୍ୟା କରି ମୃତଦେହକୁ ଗାଏବ କରି ଦେଇଥିବା ବିଶ୍ୱରଞ୍ଜନଙ୍କ ପରିବାର ସନ୍ଦେହ କରିଥିଲେ। ବୁଧବାର ସେମାନେ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୬୬/୧୮ରେ ଏକ ମାମଲା ରୁଜୁ କରିଛି। ଟାଙ୍ଗୀ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଖୋଜାଖୋଜି ପରେ ପୋଲିସ ଓ ଅଗ୍ନିଶମ କର୍ମଚାରୀ ଗୁରୁବାର ଏକ ପୋଖରୀରୁ ବିଶ୍ୱରଞ୍ଜନଙ୍କ ମୃତଦେହ ଉଦ୍ଧାର କରିଥିଲେ। ପ୍ରାଥମିକ ତଦନ୍ତ ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରିଛି। ଏହି ଘଟଣାରେ ମହିଳାଙ୍କ ସ୍ୱାମୀ ଓ ତାଙ୍କର ଜଣେ ଭାଇଙ୍କୁ ଥାନାରେ ଅଟକ ରଖାଯାଇଛି। ପୋଲିସ ମୃତଦେହ ଜବତ କରି ଅଧିକ ତଦନ୍ତ ଜାରି ରଖିଛି । ତେବେ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିନାହିଁ। ସମ୍ପୃକ୍ତ ମହିଳାଙ୍କର ଡାକ୍ତରୀମାଇନା କରାଯାଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ଅଧିକ ତଥ୍ୟ ମିଳିପାରିବ ବୋଲି ପୋଲିସ କହିଛି।

ଓକିଲଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ୨୫ ଦିନରେ

# ଆନ୍ଦୋଳନକୁ ତ୍ୱରାନ୍ୱିତ କରିବାକୁ ଗଠନ ହେଲା ୨କମିଟି

**ଖୋର୍ଦ୍ଧା ଅଫିସ,୬।୯**

**ଓକିଲଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ୨୫ ଦିନରେ**

ଖୋର୍ଦ୍ଧା ଜିଲା ଓକିଲ ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ ୨୫ ଦିନରେ ପହଞ୍ଚିଛି। ତେବେ ଜିଲା ସଦର ମହକୁମାକୁ ଅତିରିକ୍ତ ପୋକ୍‌ସୋ କୋର୍ଟ ଓ ଜୁଭେନାଇଲ କ୍ୟାମ୍ପ କୋର୍ଟ ଖୋଲିବା ପାଇଁ ଉଚ୍ଚ ନ୍ୟାୟାଳୟ ସମ୍ମତି ଦେଇଛନ୍ତି। ଏଭଳିସ୍ଥଳେ ଏହି ଦୁଇ କୋର୍ଟ ଫେରି ଆସିବାରେ ଓକିଲ ସଂଘ ସନ୍ତୁଷ୍ଟ ନୁହନ୍ତି। ସମସ୍ତ ଦାବି ପୂରଣ ନ ହେଲେ ଆନ୍ଦୋଳନ ପ୍ରତ୍ୟାହୃତ ହେବ ନାହିଁ ବୋଲି ଆଇନଜୀବୀମାନେ କହିଛନ୍ତି। ଏ ନେଇ ଗୁରୁବାର ଓକିଲ ସଂଘର ସାଧାରଣ ସଭା ଆନ୍ଦୋଳନକୁ ତ୍ୱରାନ୍ୱିତ କରାଯିବାକୁ ନିଷ୍ପତ୍ତି ହୋଇଛି। ତେବେ ଏଥିପାଇଁ ଗଠିତ ହୋଇଛି ଦୁଇଟି କମିଟି । ପ୍ରଥମ କମିଟି ହାଇକୋର୍ଟ ଓ ୨ୟ କମିଟି ସରକାରଙ୍କ ସହ ଯୋଗାଯୋଗ ରଖି ଆନ୍ଦୋଳନର ଦାବିଗୁଡିକ ପୂରଣ କରିବାକୁ ପ୍ରଚେଷ୍ଟା କରିବେ। ତେବେ ବୁଧବାର ସମନ୍ୱୟ କମିଟିର ମିଳିତ ବୈଠକରେ ଆନ୍ଦୋଳନ ପ୍ରତ୍ୟାହୃତ ହେବ କି ନାହିଁ ନିଷ୍ପତ୍ତି ହୋଇ ପାରି ନ ଥିଲା। ପ୍ରକାଶଥାଉକି, ଖୋର୍ଦ୍ଧା ଜିଲା ଗଠନର ୨୫ ବର୍ଷ ପୂର୍ତ୍ତିରେ ରୌପ୍ୟ ଜୟନ୍ତୀ ପାଳନ ଆରମ୍ଭ ହୋଇଛି। ହେଲେ ଜିଲା ସଦର ମହକୁମାକୁ ତାର ହକ୍ ଦିଆଯାଉ ନାହିଁ। ଏଭଳି ସ୍ଥିତିରେ ଜିଲା ସଦର ମହକୁମାର ହକ ପାଇଁ ଗତ ୧୩ ତାରିଖରେ ଖୋର୍ଦ୍ଧା ଜିଲା ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା। ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇ ଧାରଣା ଚାଲୁ ରହିବ ବୋଲି ଚେତାବନୀ ଦେଇଥିଲେ । ଜିଲା ସଦର ମହକୁମାରେ ଜିଲା ଜଜ୍ କୋର୍ଟ, ପୋକ୍ସୋ କୋର୍ଟ, ଭିଜିଲାନ୍ସ କୋର୍ଟ, ଜିଲା ରେଜିଷ୍ଟ୍ରେଶନ କାର୍ଯ୍ୟାଳୟ, ସମସ୍ତ ଜିଲାସ୍ତରୀୟ କୋର୍ଟ ଓ ଅଫିସ ଫେରିବା ଦାବିରେ ଆଇନଜୀବୀଙ୍କ ପକ୍ଷରୁ ଏହି ଆନ୍ଦୋଳନ ଚାଲୁ ରହିଛି ।

### ମଧୁ ବର୍ଣ୍ଣବୋଧ ବହି ବଣ୍ଟନ

**ଖୋର୍ଦ୍ଧା ଅଫିସ,୬।୯:**

ଖୋର୍ଦ୍ଧା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ୭୫ ଜଣ ଛାତ୍ରୀଛାତ୍ରଙ୍କୁ ମାଗଣା ମଧୁ ବର୍ଣ୍ଣବୋଧ ବହି ବଣ୍ଟନ କରାଯାଇଛି। ଖୋର୍ଦ୍ଧା କରୁଣାମୟୀ ସ୍ମାରକୀ ସମ୍ବାଦପତ୍ର ସଂଗ୍ରହାଳୟ ପକ୍ଷରୁ ସଂଗ୍ରାହକ ବିମଳ ଚନ୍ଦ୍ର ଷଡଙ୍ଗୀ ଏହି ବଣ୍ଟନ କରିଛନ୍ତି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଦେଈ, ଶିକ୍ଷକ ଅଗାଧୁ ସେଠୀ, ଶିକ୍ଷୟିତ୍ରୀ ଅନୀତା ଶୁଭଦର୍ଶିନୀ ପ୍ରମୁଖ ସହଯୋଗ କରିଥିଲେ ।

# ପ୍ରଗତିଶୀଳ ସୃଜନ ସାଂସଦର ସମ୍ବର୍ଦ୍ଧନା ଉତ୍ସବ

**ବାଲୁଗାଁ,୬।୯ (ଡି.ଏନ୍.ଏ.)**

ବାଲୁଗାଁ ନିକଟସ୍ଥ ବଡ଼କୁଳଠାରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅଗ୍ରଣୀ ଅନୁଷ୍ଠାନ ପ୍ରଗତିଶୀଳ ସୃଜନ ସାଂସଦ ପକ୍ଷରୁ ପବିତ୍ର ଗୁରୁଦିବସ ଉପଲକ୍ଷେ ସମ୍ବର୍ଦ୍ଧନା ଉତ୍ସବ ସଭାପତି ଭିକାରୀ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ପୂର୍ବତନ ସରପଞ୍ଚ ଦିଗମ୍ବର ପାଇକରାୟ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ । ସଭାପତି ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିବରଣୀ ପାଠ କରିଥିଲେ ସମ୍ପାଦକ ପ୍ରମୋଦ କୁମାର ସ୍ୱାଇଁ। ଡ଼ାକ୍ତର ମଧୁସୂଦନ ସେନାପତି ମୁଖ୍ୟଅତିଥି, ପ୍ରାକ୍ତନ ସରକାରୀ ନିବନ୍ଧକ ପ୍ରଫୁଲ କୁମାର ଜାଲି ମୁଖ୍ୟବକ୍ତା ଓ ଦେବେନ୍ଦ୍ର କୁମାର ମହାରଣା, ଖବରଦାତା ପ୍ରକାଶ କୁମାର ପ୍ରଧାନ, ପ୍ରଦୋଶ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାକ୍ତନ ଶିକ୍ଷକ ଶିବକୁମାର ଅଷ୍ଟାବଧାନୀ, ବସନ୍ତ କୁମାର ସାହୁ, ଶିକ୍ଷକ ଦ୍ୱାରିକାନାଥ ମହାରଣା, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଉମେଶ ପ୍ରସାଦ ଧଳଙ୍କୁ ଅତିଥିମାନଙ୍କ ଦ୍ୱାରା ଉପଢ଼ୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ସଚେତନତା

**ବେଗୁନିଆ,୬।୯(ଡି.ଏନ୍.ଏ.):**

ପ୍ରତିବର୍ଷ ସେପ୍ଟମ୍ବର ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡିକରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଥାଏ। ଏହି ଅବସରରେ ଖୋର୍ଦ୍ଧା ଜିଲା ବେଗୁନିଆ ପଞ୍ଚାୟତ ସମିତି ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଏକ ସଚେତନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ସିଆରସିସି ଗୋଲକ ସାହୁ, ନାଏବ ସରପଞ୍ଚ ପ୍ରଶାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ଲାକାର୍ଡ, ବ୍ୟାନର ସହିତ ସ୍ଲୋଗାନ ଦେଇ ପିଲାମାନେ ଗ୍ରାମ ପରିକ୍ରମା କରିଥିଲେ। ଗାଁ ପରିମଳକୁ ସଫେଇ କରିବା ଦ୍ୱାରା ସୁସ୍ଥ ଓ ସୁନ୍ଦର ସ୍ୱାସ୍ଥ୍ୟ ଗଠନ ହୋଇପାରିବ ବୋଲି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଅଟେ।

**କୃଷ୍ଣପ୍ରସାଦ, (ଡି.ଏନ.ଏ.)**ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି । ରସକୁଦୀ ଆଶ୍ରମ ବିଦ୍ୟାଳୟ ତରଫରୁ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ପଲେଇଙ୍କ ନେତୃତ୍ୱରେ ପରିବେଶ ପରିଷ୍କାର ଓ ପରିଚ୍ଛନ୍ନତା ନିମନ୍ତେ ଏକ ସଚେତନତା ଶୋଭାଯାତ୍ରା ନିକଟସ୍ଥ ଗ୍ରାମ ପରିକ୍ରମା କରିଥିଲା । ସହକାରୀ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ଅମରେଶ ତରାଇ, ରାଧେ ମାଝି, ପ୍ରଭାକର ବଡ଼ମୁଣ୍ଡି ଓ ସୋନାଲିମା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସେହିପରି ଇପିଙ୍ଗ ବାଉରିପଲ୍ଲୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଶ୍ରୀଚନ୍ଦନଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ସିଆର୍‌ସିସି ବିବେକାନନ୍ଦ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଶିକ୍ଷୟିତ୍ରୀ ସକୁନ୍ତଳା ସ୍ୱାଇଁ, ନିବେଦିତା ରଥ, ସନ୍ତୋଷ କୁମାର ପ୍ରଧାନ ଓ ବିବି ଜାଲି ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।



ପରିବେଶ ସ୍ୱଚ୍ଛତା ନେଇ ଛାତ୍ରୀଛାତ୍ରମାନେ ଗ୍ରାମ୍ୟ ପରିକ୍ରମା କରୁଛନ୍ତି।

■ ଜଟଣୀ ଗଣେଶ ପୂଜା ପାଇଁ ମ୍ୟୁନିସିପାଲିଟିର ପ୍ରସ୍ତୁତି ବୈଠକ

# ପୂଜା ପେଣ୍ଡାଲ ଅଞ୍ଚଳର ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ

**ଜଟଣୀ,୬।୯(ଡି.ଏନ୍.ଏ.)**

ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ପାଇଁ ମ୍ୟୁନିସିପାଲିଟି ପକ୍ଷରୁ ସ୍ଥାନୀୟ ଟାଉନ୍‌ହଲ୍‌ରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାହୀ ଅଧିକାରୀ ଲଳିତା କପୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିମଳ, ଷ୍ଟ୍ରିଟ୍‌ଲାଇଟ୍, ପାନୀୟଜଳ, ଆଇନ୍‌ଶୃଙ୍ଖଳା, ଟ୍ରାଫିକ୍, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଉପସ୍ଥିତ ବିଭିନ୍ନ ମାର୍କେଟ୍ କମିଟିର କର୍ମକର୍ତ୍ତା, କାଉନ୍‌ସିଲର ଓ ସ୍ଥାନୀୟ ଜନସାଧାରଣ ପ୍ରସ୍ତାବ ରଖିଥିଲେ। ପ୍ରତି ପୂଜା ପେଣ୍ଡାଲରେ କିପରି ସ୍ୱଚ୍ଛତା ବଜାୟ ରହିବ ସେଥିପ୍ରତି ଗୁରୁତ୍ୱ ଦେବାକୁ କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ନିର୍ବାହୀ ଅଧିକାରୀ କପୁର ପରାମର୍ଶ ଦେଇଥିଲେ। ଏଥିପାଇଁ ମ୍ୟୁନିସିପାଲିଟି ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଲକ୍ଷାଧିକ ଜନସମାଗମକୁ ଦୃଷ୍ଟିରେ ରଖି ପ୍ରତି ପେଣ୍ଡାଲ, ମୁଖ୍ୟରାସ୍ତାଠାରୁ ଆରମ୍ଭ କରି ୱାର୍ଡମାନଙ୍କରେ ସଫେଇ ଉପରେ ଗୁରୁତ୍ୱ ଦିଆଯାଉଥିବା ପୌରାଧ୍ୟକ୍ଷ ସଂଗ୍ରାମ ରାଉତରାୟ କହିଥିଲେ। ଏଥିସହ ରାସ୍ତା ଓ ଡ୍ରେନ୍‌ଗୁଡ଼ିକର ମରାମତି ସହିତ ଷ୍ଟ୍ରିଟ୍ ଲାଇଟ୍ ଉପରେ ଧ୍ୟାନ ଦିଆଯିବ। ଏଥିପାଇଁ କାର୍ଯ୍ୟ ଆରମ୍ଭ ହୋଇସାରିଥିବା ସେ ସୂଚନା ଦେଇଥିଲେ। ୧୨ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବ ସମୟରେ ନିୟମିତ ଜଳଯୋଗାଣ ଉପରେ ଧ୍ୟାନ ଦିଆଯିବ ବୋଲି ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀ ଅରୁଣ କୁମାର ସୁବୁଦ୍ଧି କହିଛନ୍ତି। ସେହିପରି ଆଇନ୍ ଶୃଙ୍ଖଳା ଓ ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ନେଇ ଜଟଣୀ ଥାନାର ସବ୍‌ଇନ୍ସପେକ୍ଟର କ୍ଷମାସାଗର ନାୟକ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ଦମକଳ ଗାଡ଼ି ଯାତାୟତ ପାଇଁ ପୂଜା ପେଣ୍ଡାଲମାନଙ୍କରେ ନିର୍ମାଣ ହେଉଥିବା ତୋରଣ ପ୍ରବେଶପଥକୁ ଅଧିକ ଉଚ୍ଚ ଓ ଓସାର କରିବାକୁ ଅଗ୍ନିଶମ ବିଭାଗ ଅଧିକାରୀ ସୁଶାନ୍ତ ସାହୁ କହିଥିଲେ। ସ୍ଥାନୀୟ ସୀତାରାମ ଛକରେ ଦମକଳ ଗାଡ଼ି ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ରହିବ ବୋଲି ସୂଚନା ଦେଇଥିଲେ। ପ୍ରତି ପେଣ୍ଡାଲରେ ପାଣି ବାଲି ଆଦି ମହଜୁଦ କରି ରଖିବାକୁ ପରାମର୍ଶ ମଧ୍ୟ ଦେଇଥିଲେ। ସ୍ଥାନୀୟ ଅଣ୍ଡରଗ୍ରାଉଣ୍ଡରେ ଅଧିକାଂଶ ସମୟରେ ପାଣି ଜମି ରହୁଥିବାରୁ କୁଦିଆରୀ ବଜାର ଅଞ୍ଚଳରେ ଗୋଟିଏ ଦମକଳ ଗାଡ଼ି ରହିବା ବ୍ୟବସ୍ଥା କରିବାକୁ କାଉନ୍‌ସିଲର ଅନନ୍ତ ବେହେରା ପ୍ରସ୍ତାବ ଦେଇଥିଲେ। ଏହି ବଜାର ଛକରେ ଜମି ରହୁଥିବା ପାଣି ନିଷ୍କାସନ ଓ ଜଳୁ ନଥିବା ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା କରିବାକୁ କାଉନ୍‌ସିଲର ଲୁସେନ୍ ରାୟ କହିଛନ୍ତି। ସ୍ଥାନୀୟ ଶରତ ପାଇକରାୟ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବ ପାଇଁ ଜଟଣୀ–ତଳଖେଡା ଭଳି ଗୁରୁତ୍ୱପୂର୍ଣ୍ଣ ସଡ଼କପଥ ସନ୍ଧ୍ୟା ସମୟରେ ଅଧିକ ଗହଳି ହୋଇ ଟ୍ରାଫିକ୍ ସମସ୍ୟା ଦେଖାଦେଉଥିବା ସାମାଜିକ କର୍ମୀ ଯୋଗେଶ ନାୟକ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ଆମ୍ବୁଲାନ୍ସ ଯିବାରେ ବାଧା ସୃଷ୍ଟି ହେଉଥିବା ନଜିର ରହିଥିବା ସେ କହିଥିଲେ। ଏଣୁ ଏହି ସଡ଼କ ପଥରେ ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ରଖିଥିଲେ।



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।



ତୁମର କର୍ତ୍ତବ୍ୟ ଅସୀମ, କିନ୍ତୁ ତୁମ ହାତରେ ଥିବା ସମୟ ସୀମିତ। ତେଣୁ ଗୋଟିଏ ସୁଦ୍ଧା ମୁହୂର୍ତ୍ତ ନଷ୍ଟ କରନାହିଁ।
- ସେନେକା



## ସଂକ୍ଷେପରେ

### ୧୦ରୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠର ସ୍ୱତନ୍ତ୍ର ଅଡିଟ୍

**ପୁରୀ ଅଫିସ, ୬।୯ :** ଶ୍ରୀଜଗନ୍ନାଥ ବଲ୍ଲଭ ମଠର ସ୍ୱତନ୍ତ୍ର ଅଡିଟ୍ ଆସନ୍ତା ୧୦ ତାରିଖରୁ ଆରମ୍ଭ ହେବ। ୯ବର୍ଷ ପରେ ଅର୍ଥାତ୍ ୨୦୦୯ ରୁ ୨୦୧୮ ମସିହା ପର୍ଯ୍ୟନ୍ତ ଆୟ ବ୍ୟୟର ଅଡିଟ୍ ହେବାକୁ ଯାଉଛି। ସୂଚନା ଯୋଗ୍ୟ, ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଦେବୋତ୍ତର ବିଭାଗ ଅଧୀନରେ ରହିଛି। ଶ୍ରୀଜଗନ୍ନାଥ ବଲ୍ଲଭ ଏଣ୍ଡୋମେଣ୍ଟ ଟ୍ରଷ୍ଟବୋର୍ଡ ଦ୍ୱାରା ଏହି ମଠ ପରିଚାଳିତ। ଗତ ଅଗଷ୍ଟ ୧୦ରେ ରାଜ୍ୟ ଦେବୋତ୍ତର କମିଶନର ବିରଜା ପ୍ରସାଦ ଦତ୍ତ ହଠାତ୍ ପରିଦର୍ଶନରେ ଯାଇ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଏବଂ ଶ୍ରୀଜଗନ୍ନାଥ ବଲ୍ଲଭ ଚାରି ଚକିଆ ପାର୍କିଙ୍ଗ ଉପରେ ଖୋଳତାଡ଼ କରିଥିଲେ। ମଠର କ୍ୟାଶବୁକ ଏବଂ ଆକାଉଣ୍ଟ ବହିରୁ ପରିଚାଳନା ତ୍ରୁଟି ରହିଥିବା ଦେଖିବାକୁ ପାଇଥିଲେ। ଶୀଘ୍ର ଶ୍ରୀଜଗନ୍ନାଥ ବଲ୍ଲଭ ମଠର ସ୍ୱତନ୍ତ୍ର ଅଡିଟ କରାଯିବ ବୋଲି ସେ ଗଣମାଧ୍ୟମକୁ ସୂଚନା ଥିଲେ। ଏହାପରେ ସ୍ୱତନ୍ତ୍ର ଅଡିଟ ଲାଗି ଦେବୋତ୍ତର କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଯୋଗ୍ୟ ଯେ, ୨୦୦୯ ମସିହାରେ ଶେଷ ଥର ଲାଗି ଅଡିଟ୍ ହୋଇଥିଲା । ଏହାପର ଠାରୁ ଆଉ ଅଡିଟ୍ ହୋଇନାହିଁ ।

### ମିଳିତ ଶିକ୍ଷକ ସଂଘର ଜିଲାପାଳଙ୍କୁ ଦାବିପତ୍ର

**ପୁରୀ ଅଫିସ,୬।୯ :** ବିଭିନ୍ନ ଦାବି ନେଇ ମିଳିତ ବି.ଏଡ୍. ତାଲିମପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ମହାସଂଘ ପକ୍ଷରୁ ଗୁରୁବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସବୁ ବର୍ଗର ବି.ଏଡ୍. ତାଲିମପ୍ରାପ୍ତ ଶିକ୍ଷକଙ୍କୁ ବିଷୟ ଭିତ୍ତିକ ଶିକ୍ଷକ ମାନ୍ୟତା, ସପ୍ତମ ବେତନ କମିଶନ ଆଧାରରେ ବିଏଡ୍ ସ୍କେଲ ସମେତ ୪ଦଫା ଦାବି ରହିଛି। ଦାବିପତ୍ର ପ୍ରଦାନ ସମୟରେ ମିଳିତ ସଂଘର ଆବାହକ ଗୁରୁ ପ୍ରସାଦ ଦାଶ, ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ୮ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୧୦ ତାରିଖରେ ଭୁବନେଶ୍ୱରଠାରେ ହେବାକୁ ଥିବା ଶିକ୍ଷକ ସମାବେଶରେ ଯୋଗଦେବାକୁ ବାଧ ହେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

### ଲକ୍ଷାଧିକ ଟଙ୍କାର ଏଲ୍ଇଡି ବଲ୍ବ ଚୋରି

**ନିମାପଡ଼ା,୬।୯(ଡି.ଏନ୍.ଏ.):** ନିମାପଡ଼ା ଏନ୍ଏସି ଅନ୍ତର୍ଗତ ଦିପିରେଣ୍ଟାପେଟା ଘାଇ ରାସ୍ତାରୁ ୧୩ଟି ବିଦ୍ୟୁତଖୁଣ୍ଟରୁ ୧୩ଟି ଏଲ୍ଇଡି ବଲ୍ବ ବୁଧବାର ରାତିରେ କେତେଜଣ ଦୁର୍ବୃତ୍ତ ଚୋରି କରି ନେଇଥିବା ଅଭିଯୋଗ ହୋଇଛି । ଚୋରି ହୋଇଥିବା ଏଲ୍ଇଡି ବଲ୍ବର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତି ଏନେଇ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ଖବର ପାଇ ପୋଲିସ ତଦନ୍ତ ଚଳାଇଛି। ସେହିପରି ଗତ ୨୦ଦିନ ତଳେ ୧ନଂ ୱାର୍ଡର କିଆକଣ୍ଟା ଜୋରବନ୍ଧ ରାସ୍ତାରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ୧୨ଟି ଏଲ୍ଇଡି ବଲ୍ବ ଚୋରି ହୋଇଥିବା ସମ୍ପର୍କରେ ଏନ୍ଏସି ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ନିମାପଡ଼ା ସହର ସମେତ ଏନ୍ଏସିର ପ୍ରତ୍ୟେକ ୱାର୍ଡରେ ଉଜ୍ଜ୍ୱଳ ଆଲୋକୀକରଣ ନିମନ୍ତେ ଏନ୍ଏସି ପକ୍ଷରୁ ଏଲଇଡି ବଲ୍ବ ଲଗାଇବା ବ୍ୟବସ୍ଥା କରାଯାଇଛି । କିନ୍ତୁ ଏହି ବଲ୍ବ ଚୋରି ହେବା ଯୋଗୁ ରାସ୍ତାଘାଟ ଅନ୍ଧକାରମୟ ହୋଇଯାଉଛି।

### ବିଦ୍ୟୁତ୍ ମିଟର ବସାଇବା ନେଇ ଗଣ୍ଡଗୋଳ, ୩ଗୁରୁତର

**ନିମାପଡ଼ା,୬।୯(ଡି.ଏନ୍.ଏ.):** ନିମାପଡ଼ା ଥାନା ମାଣିଆଡିହ ଗ୍ରାମରେ ଘରବାଡି ଓ ବିଦ୍ୟୁତ୍ ମିଟର ବସାଇବାକୁ ନେଇ ଗତ ୨୯ତାରିଖରେ ଦୁଇ ପରିବାର ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ୩ଜଣ ଗୁରୁତର ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଗୁରୁତରମାନେ ହେଲେ ସୁକାନ୍ତ ଦାସ, ପୁଷ୍ପାଞ୍ଜଳି ଦାସ ଓ ଭାନୁମତୀ ଦାସ। ସୁକାନ୍ତଙ୍କ ବାପା ଗନ୍ଧର୍ବ ଦାସଙ୍କ ଅଭିଯୋଗକ୍ରମେ ଗୁରୁବାର ପୋଲିସ ଏକ ମାମଲା (ନଂ.୨୫୫/୧୮)ରୁଜୁ କରି ତଦନ୍ତ ଚଳାଇଛି। ତେବେ ଏହି ଆକ୍ରମଣ ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଜଣାପଡିଛି। ସୂଚନା ଥାଉକି, ଗତ ୨୯ ତାରିଖରେ ବସନ୍ତ ଦାସ ବିଦ୍ୟୁତ୍ ମିଟର ବସାଇବା ବେଳେ ବଡଭାଇ ସୁକାନ୍ତ ଏହାକୁ ବିରୋଧ କରିଥିଲେ। ଫଳରେ ଦୁଇଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ବସନ୍ତ ଓ ତାଙ୍କ ସ୍ତ୍ରୀ ଟିକିନା ଦାସ ଏକ କଟୁରୀରେ ବଡ ଭାଇ ସୁକାନ୍ତ ଓ ତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳିଙ୍କୁ ଆକ୍ରମଣ କରିଥିଲେ। ଅନ୍ୟପକ୍ଷରେ ଟିକିନାଙ୍କୁ ଦେଢ଼ଶୁର ସୁକାନ୍ତ ଓ ଯା ପୁଷ୍ପାଞ୍ଜଳି ଯୌତୁକ ନିର୍ଯାତନା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଟିକିନାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୪୫/୧୮) ରୁଜୁ କରି ତଦନ୍ତ ଚଳାଇଛି।

# ସ୍ୱୟଂଶାସିତ ମାନ୍ୟତା ନ ଥାଇ ପରୀକ୍ଷା ପରିଚାଳନା

**ପୁରୀ ଅଫିସ, ୬।୯:**

■ ପିଲାଙ୍କ ସାର୍ଟିଫିକେଟ ବୈଧତା ନେଇ ପ୍ରଶ୍ନବାଚୀ

■ ଅନ୍ଧାରରେ ଏସ୍ସିଏସ୍, ନିମାପଡ଼ା କଲେଜ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ

ପୁରୀ ଜିଲାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ସାମନ୍ତ ଚନ୍ଦ୍ରଶେଖର (ଏସ୍ସିଏସ୍) ମହାବିଦ୍ୟାଳୟ ଏବଂ ନିମାପଡା ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ନାହିଁ। ଏସ୍ସିଏସ୍ କଲେଜ ଗତ ୫ବର୍ଷ ହେଲା ଏହି ମାନ୍ୟତା ହରାଇଥିବା ବେଳେ ନିମାପଡା କଲେଜର ୨ବର୍ଷ ହେଲା ନାହିଁ। କିନ୍ତୁ ଏହି ମାନ୍ୟତା ନ ଥିବା ବେଳେ କଲେଜ କର୍ତ୍ତୃପକ୍ଷ ପରୀକ୍ଷା ପରିଚାଳନା କରୁଛନ୍ତି। ସ୍ୱୟଂଶାସିତ ମାନ୍ୟତା ନ ଥାଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ପରୀକ୍ଷା ପରିଚାଳନା କରୁଥିବାରୁ ଯୁକ୍ତ୩ ପାସ୍ କରିଥିବା ଉକ୍ତ ଦୁଇ କଲେଜ ଛାତ୍ରୀଛାତ୍ରଙ୍କ ସାର୍ଟିଫିକେଟ ଏବଂ ମାର୍କସିଟ୍ର ବୈଧତାକୁ ନେଇ ପ୍ରଶ୍ନ ଉଠିଛି। 'ଧରିତ୍ରୀ'ରେ ଗତ ୪ ତାରିଖରେ ଏସ୍ସିଏସ୍ କଲେଜର ସ୍ୱୟଂଶାସିତ ମାନ୍ୟତା ନ ଥିବା ଖବର ପ୍ରକାଶ ପାଇବା ପରେ ଗୋଟିଏ ପରେ ଗୋଟିଏ ତଥ୍ୟ ପଦାକୁ ଆସୁଛି। ଏ ସଂକ୍ରାନ୍ତରେ ଖବର ପ୍ରକାଶ ପରେ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ୧୯୯୯ ମସିହାରେ ଏସ୍ସିଏସ୍ କଲେଜକୁ ସ୍ୱୟଂଶାସିତ ମାନ୍ୟତା ମିଳିଥିଲା। ଏହି ମହାବିଦ୍ୟାଳୟରେ ଯୁକ୍ତ୩ କଳା, ବାଣିଜ୍ୟ, ବିଜ୍ଞାନ, ପିଜି ଏବଂ ଏମ୍.ଫିଲ ପାଠ୍ୟକ୍ରମ ରହିଛି। ଜାଲ୍ ଦିବ୍ୟାଙ୍ଗ ପ୍ରମାଣପତ୍ରରେ ନାମଲେଖା ଘୁମର ଛାତ୍ରୀଛାତ୍ରଙ୍କ ମନରୁ ନ ଲିଭୁଣୁ ଗତ ୫ବର୍ଷ ହେଲା ସ୍ୱୟଂଶାସିତ ମାନ୍ୟତା ନ ଥିବା ଖବର ଏବେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଚକିତ କରିଛି। ଏସ୍ସିଏସ୍ କଲେଜ ସ୍ୱୟଂଶାସିତ ମାନ୍ୟତା ଶେଷଥର ପାଇଁ ୨୦୦୮ ମସିହାରେ ନବୀକରଣ ହୋଇଥିଲା। ଏହାର ଅବଧି ୨୦୧୨ ପର୍ଯ୍ୟନ୍ତ ରହିଥିଲା। ୨୦୧୨ ମସିହା ପରଠାରୁ ଏସ୍ସିଏସ କଲେଜ ସ୍ୱୟଂଶାସିତ ମାନ୍ୟତା ହରାଇଛି। ଜନୈକ ଶିକ୍ଷାବିତ୍ ନିଜ ନାମ ଗୋପନ ରଖି କହିଛନ୍ତି, ସ୍ୱୟଂଶାସିତ ମାନ୍ୟତା କଟିବା ପରେ କଲେଜ କର୍ତ୍ତୃପକ୍ଷ ନିଜେ ଆଉ ପରୀକ୍ଷା ପରିଚାଳନା କରିପାରିବେ ନାହିଁ। ଏଥିଲାଗି ସହବନ୍ଧିତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ। ଏପରି କି ପରୀକ୍ଷା ନିୟନ୍ତ୍ରକ ପଦବୀର ମଧ୍ୟ ମୂଲ୍ୟ ରହିବ ନାହିଁ। ତେବେ ଉକ୍ତ କଲେଜ କର୍ତ୍ତୃପକ୍ଷ କିଭଳି ୫ବର୍ଷ ହେଲା ପରୀକ୍ଷା ପରିଚାଳନା କରୁଛନ୍ତି, ତାହାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଗଭର୍ଣ୍ଣିଂ ବଡିର ଅଧ୍ୟକ୍ଷ ରାଜସ୍ୱ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ମହେଶ୍ୱର ମହାନ୍ତି ରହିଛନ୍ତି। ତେବେ ଗଭର୍ଣ୍ଣିଂ ବଡି ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ କିଭଳି ଧ୍ୟାନ ଦେଇ ନ ଥିଲା ତାହାକୁ ନେଇ ଚର୍ଚ୍ଚା ହେଉଛି। ସେହିପରି ନିମାପଡା କଲେଜର ସ୍ୱୟଂଶାସିତ ମାନ୍ୟତା ୨୦୧୬-୧୭ ପରଠାରୁ ନବୀକରଣ ହୋଇନାହିଁ।

ଏ ସମ୍ପର୍କରେ ଏସ୍ସିଏସ୍ କଲେଜ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର କହିଛନ୍ତି ଯେ, କଲେଜ ନାକ୍ ପକ୍ଷରୁ ଏ ଗ୍ରେଡ୍ ମାନ୍ୟତା ପାଇଛି। ସ୍ୱୟଂଶାସିତ ମାନ୍ୟତା ନବୀକରଣ ଲାଗି ଆବେଦନ କରାଯାଇଛି। ଏ ସମ୍ପର୍କରେ ନିମାପଡ଼ା କଲେଜ ଅଧ୍ୟକ୍ଷ ରାଜ କିଶୋର ରଥଙ୍କୁ ପଚାରିବାରୁ ସେ କହିଲେ, ଗତ ମେ' ମାସରେ ସ୍ୱୟଂଶାସିତ ମାନ୍ୟତା ନବୀକରଣ ଲାଗି ଆବେଦନ କରାଯାଇଛି। ଅନ୍ୟପକ୍ଷରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଗିରୀଶ୍ ଚନ୍ଦ୍ର ଜଗଦେବ କୁହନ୍ତି, ବିଶ୍ୱବିଦ୍ୟାଳୟର ଏକାଡେମିକ ବିଭାଗର ନିୟମାବଳୀ ଅନୁଯାୟୀ ପରୀକ୍ଷା ପରିଚାଳନା ହୋଇଥାଏ। ଏଥିରେ ଆମର କୌଣସି ଭୂମିକା ନାହିଁ। ନ୍ୟାଶନାଲ ଷ୍ଟୁଡେଣ୍ଟ ୟୁନିୟନ୍ ଅଫ ଇଣ୍ଡିଆର ପୁରୀ ଜିଲା ଆବାହକ ଆଶୁତୋଷ ମିଶ୍ର କହିଛନ୍ତି, କଲେଜ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଛାତ୍ରୀଛାତ୍ରଙ୍କ ଭାଗ୍ୟ ଅନ୍ଧାରକୁ ଠେଲି ହୋଇ ଯାଇଛି। ୫ ବର୍ଷ ତଳୁ କଲେଜ ଏହି ମାନ୍ୟତା ହରାଇଥିବା ବେଳେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ତାହା ଲୁଚାଇ ରଖାଯାଇଛି। ଏ ନେଇ ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ପୁରୀ ଜିଲା ସଂଯୋଜକ ପାର୍ଥଜିତ୍ ପୃଷ୍ଟି କୁହନ୍ତି, କଲେଜ କର୍ତ୍ତୃପକ୍ଷ ପିଲାଙ୍କ ଭବିଷ୍ୟତ ସହି ଖେଳିଛନ୍ତି। ଆସନ୍ତା ୧୧ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଛାତ୍ର ସମାବେଶରେ ଏହି ପ୍ରସଙ୍ଗ ଉତ୍ଥାପନ କରାଯିବ। ଏସ୍ସିଏସ୍ କଲେଜ ଗଭର୍ଣ୍ଣିଂ ବଡିର ସଭାପତି ତଥା ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ପ୍ରତିକ୍ରିୟା ଲାଗି ତାଙ୍କ ମୋବାଇଲ ନଂ. ୯୪୩୭୦୨୩୦୬୯ରେ ଯୋଗାଯୋଗ କରାଯାଇଥିଲା। କିନ୍ତୁ ସେ ଫୋନ୍ ଉଠାଇ ନ ଥିଲେ।

**-ରିପୋର୍ଟ ପ୍ରଭାତ ପାଣିଗ୍ରାହୀ**



ବର୍ଷାଜଳ ଯୋଗୁ ଏକ ରାସ୍ତାରେ ପାଣିର ସୁଅ ଛୁଟିଛି।

■ କଣାସରେ ୩୬ଘଣ୍ଟାରେ ୮୯ମି.ମି. ବର୍ଷା

# ବୁଡ଼ିଲା ରାସ୍ତା, ଯାତାୟାତ ବାଧାପ୍ରାପ୍ତ

**କଣାସ, ୬।୯(ଡି.ଏନ୍.ଏ./ସ୍ୱ.ପ୍ର.)**

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ପୁରୀ ଜିଲାର ସର୍ବାଧିକ ଖାଲୁଆ ଅଞ୍ଚଳ ଭାବେ ପରିଚିତ କଣାସ ବ୍ଲକର ୨୮ଟି ଗ୍ରାମ ପଞ୍ଚାୟତର ଧାନ ଜମି ଜଳମଗ୍ନ ହୋଇ ଚିଲିକା ପରି ଲହଡି ଭାଙ୍ଗୁଛି। ବୁଧବାର ସକାଳ ୬ଟାରୁ ଗୁରୁବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୩୬ଘଣ୍ଟା ମଧ୍ୟରେ ୮୯ ମି.ମି. ବର୍ଷା ରେକର୍ଡ କରାଯାଇଥିବା କଣାସ ଜଳସେଚନ ବିଭାଗ କାର୍ଯ୍ୟାଳୟରୁ ଜଣାପଡ଼ିଛି। ଲଗାଣ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବାବେଳେ ବର୍ଷାଜଳରେ ଏବେ ଅନେକ ଗାଁର ରାସ୍ତା ବୁଡିବା ସହିତ ଗାଁ ଦାଣ୍ଡରେ ପାଣିଜମି ରହିଛି। ସ୍କୁଲଗୁଡିକ ପାଣିଘେରରେ ରହିଛି। ନଦୀରେ ଜଳସ୍ତର ହ୍ରାସପାଉଥିବାବେଳେ ଜମିରେ ଜଳସ୍ତର ବଢୁଛି। ସ୍ଲୁଇସ୍ ଗେଟ୍ ଗୁଡିକ ଖୋଲା ନ ହୋଇପାରିବା ଏବଂ ଲଗାଣ ବର୍ଷା ଯୋଗୁ ଏପରି ପରିସ୍ଥିତି ସୃଷ୍ଟିହୋଇଛି। ଗ୍ରାମରାସ୍ତାଗୁଡିକ ବୁଡିଯିବାରୁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ଯାମଳଗୋଦା ପଞ୍ଚାୟତର ଶିରିପୁର-ଗୋଲରା ରାସ୍ତାର କିଛିଅଂଶ ବୁଡିଥିବାବେଳେ ସାନପଡା, ଦୁପୁର ରାସ୍ତାସବୁ ବୁଡିଯାଇଛି। ହରିହରପାଟଣା ଗ୍ରାମ ଏବେ ଜଳଘେରରେ ରହିଥିବାବେଳେ ଗ୍ରାମଦାଣ୍ଡରେ ପାଣି ପଶିରହିଛି। ନାବଡା, ତିଗିରିଆ ଗ୍ରାମର ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ପାଣି ରହିଛି। ବେଣାଗାଁ, ଗଡସାହି ରାସ୍ତା ବୁଡିଯାଇଛି। ଲୁଣାନଦୀ ବନ୍ଧର କେତୋଟି ସ୍ଲୁଇସ୍ ସମ୍ପୂର୍ଣ୍ଣ ବନ୍ଦ ଅବସ୍ଥାରେ ରହୁଥିବାରୁ ନଦୀର ବନ୍ୟାଜଳ ଗହୀର ମଧ୍ୟକୁ ପ୍ରବେଶ କରୁଛି। ଶିକ୍ଷାନୁଷ୍ଠାନଗୁଡିକରେ ବର୍ଷାଜଳ ପ୍ରବେଶ କରିବା ଯୋଗୁ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ତଳିଆ ଅଞ୍ଚଳର ଗ୍ରାମଗୁଡିକ ଲଗାଣ ବର୍ଷାଯୋଗୁ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି। ଯାମଳଗୋଦା ସରପଞ୍ଚ ବିଜୟ କୁମାର ସାହୁ ବିଭିନ୍ନ ଗ୍ରାମ ବୁଲି ଲୋକଙ୍କ ସମସ୍ୟା ବୁଝିବା ସହିତ ପ୍ରଶାସନକୁ ପରିସ୍ଥିତି ସମ୍ପର୍କରେ ଜଣାଇଛନ୍ତି। ଦୀର୍ଘ ୬୮ ଦିନ ହେଲା ଧାନ ଜମି, ପଡିଆ ସବୁ ବୁଡି ରହିଥିବାରୁ ଗୃହ ପାଳିତ ପଶୁ ମାନେ ଘରେ ବନ୍ଧା ହୋଇ ରହିଥିବାରୁ ଅନେକ ଗାଇଗୋରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି।



ଅଭିଯୋଗ ପରେ ଗାନ୍ଧିଜୀଙ୍କ ଫଟୋଚିତ୍ରକୁ କାନ୍ଥରେ ଟଙ୍ଗାଯାଇଛି ।

# ଜାତିର ପିତାଙ୍କୁ ଅସମ୍ମାନ ଘଟଣା: ଚେତିଲେ କର୍ତ୍ତୃପକ୍ଷ

**ଗୋପ,୬।୯(ଡି.ଏନ୍.ଏ.)**

କିଛିଦିନ ପୂର୍ବରୁ ଗୋପ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଜାତିର ପିତା ମହାତ୍ମାଗାନ୍ଧୀଙ୍କୁ ଗୋଟିଏ ଭଙ୍ଗା ଚେୟାରରେ ବସାଯାଇଥିଲା। ଏ ନେଇ 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡାଙ୍କ ନିର୍ଦ୍ଦେଶରେ ଗାନ୍ଧିଜୀଙ୍କ ଫଟୋଚିତ୍ରକୁ କାନ୍ଥରେ ଟଙ୍ଗା ଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଦୁଇ ବର୍ଷ ତଳେ ଗୋପ ମହାବିଦ୍ୟାଳୟରେ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିକୁ ଏକ ଭଙ୍ଗା ଟେବୁଲରେ ଥୁଆ ହେବା ନେଇ ଖବର ପ୍ରକାଶ ପାଇବା ପରେ କର୍ତ୍ତୃପକ୍ଷ ପ୍ରତିମୂର୍ତ୍ତିକୁ କଲେଜ ପରିସରରେ ସ୍ଥାପନ କରିଥିଲେ। କର୍ତ୍ତୃପକ୍ଷଙ୍କ ବାରମ୍ବାର ଏଭଳି ଘଟଣା ଏବଂ ମହାବିଦ୍ୟାଳୟର ପରିଚାଳନା କମିଟିର ଅଧ୍ୟକ୍ଷ ତଥା ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କ ନୀରବତାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବାବେଳେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ଦାବି କରାଯାଇଛି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ପଣ୍ଡାଙ୍କୁ ପଚାରିବାରେ ଜାତିର ପିତାଙ୍କୁ ଅସମ୍ମାନ କରାଯାଇ ନ ଥିବାବେଳେ ତାଙ୍କୁ ଏବେ ଉଚିତ ସ୍ଥାନରେ ରଖାଯାଇଛି ବୋଲି କହିଥିଲେ।

# ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ ଉଦ୍ୟମ

**କଣାସ, ୬।୯(ଡି.ଏନ୍.ଏ./ସ୍ୱ.ପ୍ର.)**



କଣାସରେ ପୁଣି ଏଟିଏମ୍ ଲୁଟେରାଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ବୁଧବାର ବିଳମ୍ବିତ ରାତିରେ କଣାସ ଥାନା ନିକଟବର୍ତ୍ତୀ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ଏଟିଏମ୍କୁ ଦୁର୍ବୃତମାନେ ଭାଙ୍ଗି ଲୁଟ୍ ଉଦ୍ୟମ କରିଥିଲେ। ମାତ୍ର ଏଥିରେ ସେମାନେ ସଫଳ ହୋଇପାରି ନାହାନ୍ତି। ଗୁରୁବାର ଶାଖା ପରିଚାଳକ ପିଣ୍ଟୁ ସାବତ ଏ ନେଇ କଣାସ ଥାନରେ ଅଭିଯୋଗ କରିଥିବା ଜଣା ପଡିଛି। ଶାଖା ପରିଚାଳକ ସାବତ ଏଟିଏମ୍ରେ ଲାଗିଥିବା ସିସି ଟିଭି ଫୁଟେଜକୁ ଯାଞ୍ଚ କରିବାରୁ ଦେଖିଲେ ଯେ, ଦୁଇଜଣ ବ୍ୟକ୍ତି ବୁଧବାର ରାତି ୧ଟା ୪୮ମିନିଟ୍ରେ ଏଟିଏମ୍ ଭିତରକୁ ପଶି ପ୍ରଥମେ ସାବଳ ସାହଯ୍ୟରେ ବାଡେଇ ସିସି କ୍ୟାମେରାକୁ ଭାଙ୍ଗି ଦେଇଥିଲେ। ପରେ ଏଟିଏମ୍ର ଅନେକାଂଶ ସାବଳ ଦ୍ୱାରା ଭାଙ୍ଗି ଥିଲେ ମଧ୍ୟ ଟଙ୍କା ନେଇ ପାରି ନ ଥିଲେ। ଏତେଲା ପାଇ କଣାସ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ ତଦନ୍ତ ଚଳାଇଛନ୍ତି। ପୋଲିସ ଅପାରଗତା ଯୋଗୁ କଣାସରେ ବାରମ୍ବାର ଏଟିଏମ୍ ଲୁଟ୍ ହେଉଛି। ପୂର୍ବରୁ ହୋଇଥିବା ଜଙ୍କିଆଛକ ଆକ୍ସିସ୍ ବ୍ୟାଙ୍କ ଏଟିଏମ୍ ଲୁଟ୍ ଘଟଣାକୁ ୨ମାସ ବିତିଥିଲେ ମଧ୍ୟ ଲୁଟେରାଙ୍କୁ ପୋଲିସ୍ ଧରିପାରିନାହିଁ। ତେବେ ବୁଧବାର ରାତିରେ ଲୁଟ୍ ଉଦ୍ୟମ ପୂର୍ବରୁ ୧୨ଟା ୪୦ରେ ଜଣେ ଗୃହରକ୍ଷୀ ଏଟିଏମ୍ରୁ ୫୦୦ଟଙ୍କା ଉଠାଇଥିଲେ। ତାର କିଛି ସମୟପରେ ଚୋରି ହୋଇଥିବାରୁ ସେ କେମିତି କିଛି ଜାଣିପାରିଲେ ନାହିଁ ସେ ନେଇ ପୋଲିସ ତଦନ୍ତ କରୁଛି।

■ ବର୍ଷେ ହେଲା ବସିନି ପଞ୍ଚାୟତ ସମିତି ବୈଠକ

# ବ୍ରହ୍ମଗିରି ବିଡିଓଙ୍କୁ କୈଫିୟତ ତଲବ

ପୁରୀ ଅଫିସ/ବ୍ରହ୍ମଗିରି, (ଡିଏନ୍ଏ) ୬।୯:

ବ୍ରହ୍ମଗିରି ପଞ୍ଚାୟତ ସମିତିର ବୈଠକ ପ୍ରାୟ ୧ବର୍ଷ ହେଲା ବସିନାହିଁ। ଏହାକୁ ନେଇ ସମିତି ସଭ୍ୟ ଏବଂ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ରହ୍ମଗିରି ବିଡିଓଙ୍କୁ ଗୁରୁବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝି କୈଫିୟତ ମାଗିଥିବା ଜଣାପଡିଛି।

ପ୍ରତି ୩ ମାସରେ ଥରେ ପଞ୍ଚାୟତ ସମିତିର ବୈଠକ ବସିବା କଥା। ବ୍ରହ୍ମଗିରିରେ ନୂତନ ପଞ୍ଚାୟତ ସମିତି ଗଠନଠାରୁ ଇତିମଧ୍ୟରେ ମାତ୍ର ୫ଟି ସମିତି ବୈଠକ ହୋଇଛି। ବ୍ରହ୍ମଗିରି ପଞ୍ଚାୟତ ସମିତିର ଶେଷ ବୈଠକ ୨୦୧୭ ସେପ୍ଟେମ୍ବର ୧୨ରେ ବସିଥିଲା। ରାଜନୈତିକ କାରଣରୁ ଏହି ବୈଠକ ବସିପାରୁ ନ ଥିବା ଚର୍ଚ୍ଚା ହେଉଛି। ମଣପଡା ପଞ୍ଚାୟତ ସମିତି ସଭ୍ୟା ବାସନ୍ତୀ ଦଳାଇ ଏବଂ କହଳପଦା ପଞ୍ଚାୟତ ସରପଞ୍ଚ ପ୍ରଭାତୀ ପଲାଇ କହିଛନ୍ତି ଯେ, ସମିତି ବୈଠକର ବିନା ଅନୁମୋଦନରେ ଅନେକ ଅର୍ଥ ଖର୍ଚ୍ଚ କରାଯାଇଛି। ଏହି ଅର୍ଥ ତୋଷରପାତ ଯୋଗୁ ବୈଠକ ଡକାଯାଉନାହିଁ। ରାଜନୈତିକ ଅଭିସନ୍ଧି ରଖି ବୈଠକ ଡକାଯାଉ ନ ଥିବା ସମିତି ସଭ୍ୟା ସବିତା ମହାପାତ୍ର କହିଛନ୍ତି। ପଞ୍ଚାୟତ ସମିତି ବୈଠକ ନିୟମିତ ବସୁ ନ ଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ପହଞ୍ଚିଛି। ବ୍ରହ୍ମଗିରି ବିଡିଓ ଦେବରାଜ ସେଠୀ କହିଛନ୍ତି, ମୁଁ ୩ଥର ବୈଠକ ଡାକିଛି। କିନ୍ତୁ ରଥଯାତ୍ରା ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ପରିସ୍ଥିତି ଯୋଗୁ ବୈଠକ ହୋଇପାରୁନାହିଁ। ଅର୍ଥ ତୋଷରପାତ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ।

### ଏନ୍ଏଚ୍ଏମ୍ କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

**ପୁରୀ ଅଫିସ,୬।୯ :**

ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (ଏନ୍ଏଚ୍ଏମ୍) କର୍ମଚାରୀ ସଂଘ ଓଡ଼ିଶା ପକ୍ଷରୁ ଆସନ୍ତା ୧୦ ତାରିଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି। ପୁରୀ ଜିଲାରେ କାର୍ଯ୍ୟରତ ଶତାଧିକ ଏନ୍ଏଚ୍ଏମ୍ କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ୍ ହେବେ। ଏନେଇ ଗୁରୁବାର ସଂଘ ପକ୍ଷରୁ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୁରୀ ଜିଲା ଶାଖା ସଭାପତି ରବୀନ୍ଦ୍ର କୁମାରଜେନା, ସମ୍ପାଦିକା ବିଜୟଲକ୍ଷ୍ମୀ ସାହୁଙ୍କ ସମେତ ସଂଘର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ନବନିର୍ମାଣ ଛାତ୍ର ସଙ୍ଗଠନର ଗଣଧାରଣା

**କାକଟପୁର, ୬।୯(ଡି.ଏନ୍.ଏ.)**

କାକଟପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ନାନା ଅବ୍ୟବସ୍ଥା ସାଙ୍ଗକୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଆଦି ୯ଦଫା ଦାବିରେ ନବନିର୍ମାଣ ଯୁବ ଛାତ୍ର ସଂଗଠନ ପକ୍ଷରୁ ଗୁରୁବାର ମଧ୍ୟାହ୍ନରେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା, ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି, ସ୍ୱାସ୍ଥ୍ୟକେନ୍ଦ୍ରରେ ନିରାମୟ ଯୋଜନାରେ ଔଷଧ ଯୋଗାଣ, ବେଡ୍ ମରାମତି, ସ୍ୱାସ୍ଥ୍ୟକେନ୍ଦ୍ର ଓ ଏହାର ପରିସର ସଫାସୁତରା, ପରିଷ୍କାର ରଖିବା, ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗର ଡାକ୍ତର ନିଯୁକ୍ତି ଦାବିକୁ ପୂରଣ କରିବାକୁ ଦାବି କରାଯାଇଛି। ସଂଗଠନର ରାଜ୍ୟ ସଂଯୋଜକ ମନଓ୍ୱର ଅଲ୍ଲୀ, ସାଇପ୍ରସାଦ ପଲାଇ, ମଧୁମିତା ସାମଲ, ଅମିତ ଜେନା, ଦିନେଶ ଦାସ, ମୀନା କୁମାରୀ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଏହି ଧାରଣା ଅନୁଷ୍ଠିତ ହୋଇଥିଲା। ଖବର ପାଇ କାକଟପୁର ତହସିଲଦାର ରୋଜିନା ଦାଶ ଘଟଣାସ୍ଥଳରେ ପହଞ୍ଚି ସଂଗଠନ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ସେମାନଙ୍କ ଦାବିପତ୍ରକୁ ସେ ପୁରୀ ଜିଲାପାଳଙ୍କ ନିକଟକୁ ପଠାଇବେ ବୋଲି ପ୍ରତିଶ୍ରୁତି ଦେବାପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା।



ବିଭିନ୍ନ ଦାବି ନେଇ ନବ ନିର୍ମାଣ ଛାତ୍ର ସଂଗଠନ କର୍ମକର୍ତ୍ତାମାନେ ଗଣଧାରଣା ଦେଇଛନ୍ତି ।

### ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ



**ଗୋପ, ୬।୯(ଡି.ଏନ୍.ଏ.)**

ଗୋପ ପଞ୍ଚାୟତ ସମିତି ପରିସରରେ ଗୁରୁବାର ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ଏଥିରେ ଏମ୍ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ବିଡିଓ ରାମଚନ୍ଦ୍ର ସ୍ୱାଇଁଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ। ସମାଜରୁ କୁସଂସ୍କାର ଦୂର କରିବା, ରାଜ୍ୟ ସରକାରଙ୍କ ବିକାଶକୁ ଗ୍ରାମାଞ୍ଚଳର ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ଓ ବିଭିନ୍ନ ଜନହିତକର କାର୍ଯ୍ୟ କରି ବିକଶିତ ଓଡ଼ିଶା ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଏମ୍ପିଙ୍କ ପ୍ରତିନିଧି ମହାନ୍ତି କହିଥିଲେ। ଏହି ଅବସରରେ ହକି ୱାର୍ଲଡ କପ୍ ଟ୍ରଫିକୁ ପ୍ରଦର୍ଶିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ରାକେଶ କୁମାର ପାଇଟାଳ, ରଘୁନାଥ ପଣ୍ଡା, ସଦାମ ହୋସେନ୍ ଶାହା, ରଶ୍ମିରେଖା ଗନ୍ତିଆ, ସୁନୀଲ କୁମାର ସ୍ୱାଇଁଙ୍କୁ ପ୍ରସ୍ତୁତ କରାଯାଇଥିଲା। ଏଥି ସହ ନାଟକ ଦ୍ୱାରା ଯୌତୁକ ନିରୋଧୀ ଜନସଚେତନତା କରାଯାଇଥିଲା।

■ ବର୍ଷାରେ ବଢ଼ିଲା ବସ୍ତିବାସିନ୍ଦାଙ୍କ ଦୁର୍ଦ୍ଦଶା

# ୨୪ ଘଣ୍ଟା ବିତିଲା, କଟା ହେଲାନି ଏନ୍ଏଚ୍

**ପୁରୀ ଅଫିସ, ୬।୯:**

ବୁଧବାର ରାତିତମାମ୍ ବର୍ଷା ପୁରୀ ସହରର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଉପର ମୁଣ୍ଡର ବନ୍ୟା ପାଣି ପଶିବାକୁ ନେଇ ଚର୍ଚ୍ଚାରେ ଥିବା ୧ ନମ୍ବର ୱାର୍ଡ ସୁଜାତା ନଗର ଓ ମାଟିତୋଟା ଅଞ୍ଚଳର ସ୍ଥିତି ଅଧିକ ସଙ୍ଗିନ ହୋଇପଡିଛି। ବର୍ଷା ଯୋଗୁ ପୁଣି ପାଣି ପତନ ବୃଦ୍ଧି ପାଇଛି। ଏହି ଅଞ୍ଚଳରୁ ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ (ଏନ୍ଏଚ୍) ଅନ୍ତର୍ଗତ ପୁରୀ ବାଇପାସ୍ କଟାଯିବ ବୋଲି ବୋଲି ପ୍ରଶାସନ ବୁଧବାର ନିଷ୍ପତ୍ତି ନେଇଥିଲା। ହେଲେ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଏନ୍ଏଚ୍ କଟାଯାଇ ନାହିଁ। ପାଣି ଶୁଖୁ ନ ଥିବା ଯୋଗୁ ଘର ଭାଙ୍ଗିଥିବା ଲୋକେ ଗୁରୁବାର ପୁରୀ ବାଇପାସ୍ ଜାତୀୟ ରାଜପଥ ଉପରେ ଆସି ବସି ରହିଥିବା ଦେଖିବାକୁ ମିଳିଥିଲା। ସେମାନଙ୍କୁ ଅକ୍ଷୟ ପାତ୍ର ଫାଉଣ୍ଡେଶନ ପକ୍ଷରୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା। ବର୍ଷା ଯୋଗୁ ସହରର ବସ୍ତି ଓ ତଳି



ରାସ୍ତା କଡ଼ରେ ଆଶ୍ରୟ ନେଇଛନ୍ତି ସୁଜାତା ନଗରବାସୀ ।

### ସୁଜାତା ନଗର ସ୍ଥିତି ସଙ୍ଗିନ

ଅଞ୍ଚଳରେ ପରିମଳ ବ୍ୟବସ୍ଥା ଅଧିକ ବିଗିଡ଼ି ଯାଇଛି। ବସ୍ତିବାସିନ୍ଦା ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। ବୁଧବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ଏହି ବର୍ଷା ଗୁରୁବାର ପୂର୍ବାହ୍ନ ପର୍ଯ୍ୟନ୍ତ ଲାଗି ରହିଥିଲା। ଫଳରେ ସହରର କେତେକ ପ୍ରମୁଖ ଓ ଗଳିକନ୍ଦି ରାସ୍ତାରେ ପାଣି ଜମିଥିଲା। ହେଲେ ସବୁଠୁ ଅଧିକ ହଇରାଣ ହୋଇଛନ୍ତି ବସ୍ତିବାସିନ୍ଦା। ବିଶେଷକରି ବଳିଆପଣ୍ଡାର ଗଜଲକ୍ଷ୍ମୀ ବସ୍ତି, ହରଚଣ୍ଡୀ ବସ୍ତି, ତାଳବଣିଆ ବସ୍ତି, ଷ୍ଟେଶନ ନିକଟ ବାଲିଉପର ବସ୍ତିରେ ବର୍ଷାପାଣି ଅଚଳାବସ୍ଥା ସୃଷ୍ଟି କରିଛି। ସେହିପରି ସହର ଉପକଣ୍ଠ ଗୋପୀନାଥପୁର ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ମଧ୍ୟ ବର୍ଷା ପାଣି ଜମିଛି।